## ସଂକ୍ଷେପରେ

### ଗଜପତି ମହାରାଜାଙ୍କୁ ନିମନ୍ତ୍ରଣ ପତ୍ର ଦେଲେ ବ୍ଲକ ସଂକୀର୍ତ୍ତନ କଳାକାର ସଂଘ



କୋକସରା,୨୭।୧୨(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘ ପକ୍ଷରୁ ଆସନ୍ତା ଫେବୃୟାରୀ ୧୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞ କୋକସରା ବ୍ଲକ ଡଙ୍ଗରିଗୁଡା ଖେଳପଡ଼ିଆରେ ଆୟୋଜନ ହେବ। ଏହି ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ପାଇଁ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କୁ କମିଟି ପକ୍ଷରୁ ପୁରୀ ବାସଭବନରେ ନିତାଇ ସଂକୀର୍ତ୍ତନ ଦଳ ସଭାପତି ସୁଶୀଲ କୁମାର ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବିକାଶ ଅଗ୍ରୱାଲ, କୃତିବାସ ଶବର, କାଳିଆ ଦାସ ପ୍ରମୁଖ ଭେଟି ନିମନ୍ତ୍ରଣପତ୍ର ଦେଇ ଆତିଥ୍ୟ ସ୍ୱୀକାର କରିବାକୁ ସବିନୟ ଅନୁରୋଧ କରିଛନ୍ତି। ଗଜପତି ମହାରାଜ ମଧ୍ୟ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣେଇବା ସହ ଯଦି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପା ହୁଏ ତାହେଲେ ନିଶ୍ଚିତ ପହଞ୍ଚିବି ବୋଲି ସମ୍ମତି ପ୍ରଦାନ କରିଥିବା ନେଇ ସୂଚନା ମିଳିଛି।

### ବେଲାରୁଷ ଓ ରୁଷ ଭାଷାରେ ଅନୁଦିତ ଡା. ଭବାନୀ ଶଙ୍କର ନିଆଲଙ୍କ କବିତା

ଭବାନୀପାଟଣା,୨୭।୧୨(ଉତ୍ତମ କୁମାର ଦାଶ)

ବେଲାରୁଷିୟାନ କବି ବ୍ୟାକୋଭା ସେଟଲାନା ଆନାତୋଲିଭନା କଳାହାଣ୍ଡିର ଆନ୍ତର୍ଜାତୀୟ କବି ଡା. ଭବାନୀ ଶଙ୍କର ନିଆଲଙ୍କ ଓଡ଼ିଆ କବିତା 'ସେ ଟ୍ରେନର ଗତି'କୁ ବେଲାରୁଷ ଓ ରୁଷ ଭାଷାରେ ଅନୁଦିତ କରିଛନ୍ତି। ଏହି କବିତାକୁ ଡା. ତପନ କୁମାର ରଥ ଇଂଲିଶରେ ଅନୁବାଦିତ କରିଥିଲେ। କବି ବ୍ୟାକୋଭା ସେଟଲାନା ଆନାତୋଲିଭନା ୨୨ଟି ସାହିତ୍ୟ କୃତି ରଚନା କରିଛନ୍ତି। ଏଥିରେ ୧୨ଟି କବିତା ସଂକଳନ ଓ ୧୦ଟି ଶିଶୁ ସାହିତ୍ୟ ସଂକଳନ ରହିଛି। ସେ ରୁଷ ଏବଂ ବେଲାରୁଷରେ ଅନେକ ସଙ୍ଗଠନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ୟୁନିୟନ ଅଫ ରାଇଟର୍ସ ବେଲାରୁଷ ସଙ୍ଗଠନ ସଦସ୍ୟ ଅଟନ୍ତି। କ୍ରମାଗତ ଭାବେ କବି ନିଆଲଙ୍କ କବିତା ଇଂଲିଶ, ଇଟାଲୀ, ରୁଷ, ଫ୍ରାନ୍ସ, ଚୀନ, ଆର୍ବିକ, ପାର୍ସିଆ, ପୋଲିସ, ସ୍ପେନିସ, ଆଲବାନିୟନ, ସ୍ୱେ କିର୍ଗିଜ, ହିବ୍ରୁ ଭଳି ୨୦ଟି ଆନ୍ତଃରାଷ୍ଟ୍ରୀୟ ଭାଷାରେ ଅନୁଦିତ ହୋଇଛି। ବର୍ତ୍ତମାନ କବି ଡ଼. ଭବାନୀ ନିଆଲଙ୍କ କବିତା ବେଲାରୁଷ ଏବଂ ରୁଷ ଭାଷାରେ ଅନୁଦିତ ହେବା ପରେ ଅନେକ ମହଲରେ ଖୁସିର ଲହରୀ ଖେଳିଯାଇଛି।

### ଅଭିଯୋଗର ଘଣ୍ଟାଏ ମଧ୍ୟରେ ୨ ଅଙ୍ଗନୱାଡ଼ି କୋଠା କାର୍ଯ୍ୟକ୍ଷମ



ବେହେରା,୨୭।୧୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତରେ ଥିବା ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର ବୁଧବାର କାର୍ଯ୍ୟକ୍ଷମ ହୋଇଛି। ବାଙ୍କିମୁଣ୍ଡା ଓ ବେହେରାର ୨ଟି ଅଙ୍ଗନୱାଡ଼ି କୋଠା ବିପଦ ସଂକୁଳ ଥିବା ସତ୍ତ୍ୱେ ଶିଶୁମାନଙ୍କୁ ପାଠପଢା ସହିତ ଗର୍ଭବତୀମାନଙ୍କୁ ଟିକାଦାନ କରାଯାଉଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ଏହି ଘଟଣା ଗୁରୁତ୍ୱ ଦେଇ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ କୋଠା ନିର୍ମାଣ ସମାପ୍ତ ହୋଇ ୨ମାସ ବିତିଯାଇ ଥିବା ସତ୍ତ୍ୱେ କର୍ମୀଙ୍କୁ ହସ୍ତାନ୍ତର କରାଯାଉ ନ ଥିଲା। ଏ ନେଇ ଗ୍ରାମବାସୀ ଧର୍ମଗଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀ ଡ଼. ହିମାଞ୍ଚଳ ମାଝିଙ୍କୁ ଜଣାଇଥିଲେ। ଗୋଷ୍ଠି ଉନ୍ନୟନ ଅଧିକାରୀ ଅଭିଯୋଗର ଘଣ୍ଟାଏ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ପଦ୍ମାବତୀ ସେନାପତିଙ୍କୁ କହି ସମ୍ପୃକ୍ତ କର୍ମୀଙ୍କୁ ଅଙ୍ଗନୱାଡ଼ି କୋଠା ହସ୍ତାନ୍ତର କରାଇଥିଲେ। ଧର୍ମଗଡ଼ରେ ନୂତନ ଭାବେ ଯୋଗଦେଇଥିବା ବିଡିଓ ଡ଼.ମାଝିଙ୍କ ଏଭଳି ପଦକ୍ଷେପ ପାଇଁ ଗ୍ରାମର ଗୋଣ୍ଟିଆ ଚିତ୍ତରଞ୍ଜନ ପୂଝାରୀ, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ସରପଞ୍ଚ କୁମୁଦିନି ଗଇନ୍ତା, ମାନସିଂହ ଭରତିଆଙ୍କ ସମେତ ଗ୍ରାମବାସୀ ପ୍ରସଂଶା କରିଥିଲେ।

# ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ଭବାନୀପାଟଣା,୨୭।୧୨(ଉତ୍ତମ କୁମାର ଦାଶ)



ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି ।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ଚାଲିଥିବା ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଶାନ୍ତନୁ ବେହେରା, ଲେଖକ କଳା ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡା, କଳାହାଣ୍ଡି କଳାକାର ସଂଘ ସଭାପତି ଅବଦୁଲ କାଦି ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ସଞ୍ଚାଳନ କରିଥିବା ଯଶୋବନ୍ତ ରାୟ ଓ ଆଲୋକ ସଞ୍ଚାଳନ କରିଥିବା ଇନ୍ଦ୍ରଜିତ୍ ସ୍ୱାଇଁଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷ ସନ୍ଧ୍ୟାରେ ଭବାନୀପାଟଣା ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ଯମପୁରରେ ନିର୍ବାଚନ ତାତି'। ନାଟକକୁ ବିଶିଷ୍ଟ ନାଟ୍ୟକାର ମନୋଜ ରଥ ରଚନା ଓ ନିର୍ଦ୍ଦେଶନା ଦେଇଥିବାବେଳେ

**ଶେଷ ଦିନରେ ନାଟକ 'ଯମପୁରରେ ନିର୍ବାଚନ ତାତି' ମଞ୍ଚସ୍ଥ**

ଯୁବ ନାଟ୍ୟଶିଳ୍ପୀ ସୌରଭ ମହାପାତ୍ର ସହନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଶୁଭେନ୍ଦୁ ମହାପାତ୍ର, ସୁଧୀର ରଥ, ଦେବୀ ପ୍ରସାଦ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ସୌରଭ ମହାପାତ୍ର, ରାଜେଶ ଦାଶ, ଦୀପ୍ତିମୟୀ ସିଂହ, ତ୍ରିନାଥ୍ୟାମ କୁମାର, ଧନଞ୍ଜୟ ସାହୁ, ଦିବାକର ସାହୁ, ଶୁଭାଶିଷ ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ଗୁରୁ ଶଶାଙ୍କ ଶେଖର ମହାପାତ୍ର, ଭୀମସେନ ସାହୁ, ନୀଳାଞ୍ଚଳ ପାନ, ସନ୍ତୋଷ ଝା ଓ ଦେବେନ୍ଦ୍ର ବାଗ ଥିବାବେଳେ ମଞ୍ଚ ସଜ୍ଜା କରିଥିଲେ ବିଷ୍ଣୁ ପ୍ରସାଦ ନାୟକ। ପୋଷାକରେ ପ୍ରତାପ ପଣ୍ଡା ସହାୟତା କରିଥିଲେ ଏବଂ ରୂପସଜ୍ଜା କରିଥିଲେ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରତାପ ପଣ୍ଡା ଏବଂ ରାମେଶର ତ୍ରିପାଠୀ। ନାଟକଟି ବେଶ ହୃଦୟସ୍ପର୍ଶୀ ହୋଇଥିଲା। ଟାଉନ ହଲରେ ଦର୍ଶକଙ୍କ ଭିଡ ଓ କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ରାମେଶର ତ୍ରିପାଠୀ, ପ୍ରଜ୍ଞା ପରିମିତା ନାୟକ, ଲିପ୍ସା ମହାରଣା, ତଥାଗତ ମିଶ୍ର, ଶିବଶକ୍ତି ପୁରୋହିତ, ସ୍ନେହ ରଂଜନ ଜେନା, ଶୁଭମ ବେହେରା, କେ. ଗୋପିଧର ନାୟର, ଅମରେନ୍ଦ୍ର ମହାନ୍ତି, ମାନସୀ ନାୟକ, ପୁଷ୍ପାଞ୍ଜଳି ଦୀପ, ସୁଶୀଲ ଆଚାର୍ଯ୍ୟ, ଦୀପକ ଶର୍ମା, ବିକାଶ ରଞ୍ଜନ ମୁଣ୍ଡ, ଅବିନାଶ ଅଗସ୍ତି, ଲିପ୍ସାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଦୁବାଇରେ କଳାହାଣ୍ଡିର ବୈଜ୍ଞାନିକା ଚମକିଲେ

କୋକସରା,୨୭।୧୨(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡିର ଝିଅ ଅଷ୍ଟ୍ରେଲିଆ ପାଇଁ ପ୍ରତିନିଧି କରି ଦୁବାଇରେ ବିଶ୍ୱର ମର୍ଯ୍ୟାଦା ଜନକ ପୁରସ୍କାର ନେଟ ଜିରୋ ଇଣ୍ଡଷ୍ଟ୍ରି ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। କୋକସରା ବ୍ଲକ କାଉଡୋଳା ଗ୍ରାମର କୃଷ୍ଣଚନ୍ଦ୍ର ପୁରୋହିତ ଓ ପଙ୍କଜିନି ପୁରୋହିତଙ୍କ ସୁକନ୍ୟା ଡା ସୁନିତି ପୁରୋହିତ ସମ୍ବଲପୁର ବୁର୍ଲା ଇଞ୍ଜିନିୟରିଂ କଲେଜରେ ମେଟାଲୋଜିକାଲ ବିଭାଗରେ ପ୍ରଫେସର ରୂପେ କାର୍ଯ୍ୟ କରି ସଫଳତା ହାସଲ କରିଥିଲେ। ପିଏଚ ଡିଗ୍ରୀ ପାଇଁ ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରର ସୁଇନବର୍ଣ୍ଣ ୟୁନିଭରସିଟିଠାରେ ଟେକ୍ନୋଲୋଜିରେ ପିଏଚ କରିବା ସହ ସିଏସଆଇଆଇଓ ରିସର୍ଚ୍ଚ କେନ୍ଦ୍ରରେ ବୈଜ୍ଞାନିକ ଭାବେ କାର୍ଯ୍ୟ ନିଯୁକ୍ତ ଅଛନ୍ତି। ଗତ କିଛିଦିନ ତଳେ ଦୁବାଇଠାରେ ବିଶ୍ୱର ୨ଶହ ଦେଶକୁ ନେଇ ଅନୁଷ୍ଠିତ ହୋଇଥିବା କପ ୨୮ ଶିଖର ସମ୍ମିଳନୀରେ ଅଷ୍ଟ୍ରେଲିଆ ପାଇଁ ପ୍ରତିନିଧି କରି ନିଜର ଗବେଷଣାତ୍ମକ ଆଇରନ ଓ ଷ୍ଟିଲ ମେକିଂକୁ ନେଇ ପ୍ରଦର୍ଶିତ ବିଷୟବସ୍ତୁ ଉପରେ ଜୁରି ମେମ୍ବରଙ୍କ ଉପସ୍ଥିତିରେ ମର୍ଯ୍ୟାଦା ଜନକ ନେଟ ଜିରୋ ଇଣ୍ଡଷ୍ଟ୍ରି ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ସମ୍ମାନିତ ହେବା ପରେ ନିକଟରେ ଡ଼.ସୁନିତି ପୁରୋହିତ ନିଜ ଗାଁକୁ ଆସିଥିବା ବେଳେ ଲଡୁଗାଁ କଲେଜ ପକ୍ଷରୁ ନୂଆ ଓ ଯୁବ ଓଡିଶା କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇଛି। ବିଦେଶ ମାଟିରେ କଳାହାଣ୍ଡି ଜିଲାର ଯୁବ ବୈଜ୍ଞାନିକା ଡ଼.ସୁନିତି ପୁରୋହିତଙ୍କ ଏହି ସଫଳତାକୁ ନେଇ ଜନ୍ମମାଟି କାଉଡୋଲା ଓ କଳାହାଣ୍ଡି ଜିଲାରେ ଖୁସି ଦେଖିବାକୁ ମିଳିଛି।



ଦୁବାଇରେ ବୈଜ୍ଞାନିକା ଡା ସୁନୀତି ପୁରୋହିତ ସମ୍ମାନିତ ହେଉଛନ୍ତି।

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ



ବୈଠକରେ ଆଲୋଚନା କରାଯାଉଛି।

ନୂଆପଡ଼ା,୨୭।୧୨(ମକାରୁ ବେମାଲ)

ନୂଆପଡା ଜିଲା ସଦର ମହକୁମାସ୍ଥିତ କେନ୍ଦୁପତ୍ର ରେଞ୍ଜ ଅଫିସ ପ୍ରାଙ୍ଗଣରେ ବୁଧବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ଖରିଆର୍ ଡିଭିଜନ କମିଟି ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଦୀର୍ଘ ୫ବର୍ଷ ହେଲା ସର୍ବନିମ୍ନ ମଜୁରୀ ବୃଦ୍ଧି ହୋଇନାହିଁ, ଯେଉଁଥି ପାଇଁ ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି ହୋଇନାହିଁ। ଗତ ସିଜନରେ କେନ୍ଦୁପତ୍ର ଦର ବୃଦ୍ଧି ହେଲା ନାହିଁ। ସରକାର କୋରୋନା ମହାମାରୀ ସମୟରୁ ତୋଳାଳୀଙ୍କୁ ବୋନସ ବନ୍ଦ କରି ଦେଇଥିଲେ। ଗତ ଜୁନ ଏକ ତାରିଖରେ ବଡ଼ ଧରଣର ଆନ୍ଦୋଳନ

**ଜାନୁୟାରୀ ୧୦ରେ ବିଧାନସଭା ଘେରାଉ**

ପରେ ଶହେ ପ୍ରତିଶତ ବଦଳରେ ମାତ୍ର ପଚିଶ ପ୍ରତିଶତ ବୋନସ ଲାଗୁ ହୋଇଛି। ସାମାଜିକ ସୁରକ୍ଷା ଓ କଲ୍ୟାଣ ଯୋଜନାରେ ଦିଆଯାଉଥିବା ଝିଅ ବାହାଘର ସହାୟତା, ଚିକିତ୍ସା ସହାୟତା, ଶିକ୍ଷା ସହାୟତା ଇତ୍ୟାଦି ସହାୟତା ସବୁ ବନ୍ଦ କରି ଦେଇଛନ୍ତି। ଏହି ସବୁ ଦାବି ପୂରଣ ପାଇଁ ସରକାରଙ୍କ ସହିତ ବିଭିନ୍ନ ସମୟରେ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିଲା ନାହିଁ। ଏଣୁ ରାଜ୍ୟ ସଂଘ ପକ୍ଷରୁ ଆସନ୍ତା ଜାନୁୟାରୀ ୧୦ତାରିଖରେ ବିଧାନସଭା ଘେରାଉ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଆନ୍ଦୋଳନ ସଫଳ ପାଇଁ ଆଲୋଚନା କରାଯାଇଥିଲା। ଆସନ୍ତା ୨ରୁ ୭ତାରିଖ ମଧ୍ୟରେ ସମସ୍ତ ୬ଟି ରେଞ୍ଜରେ ବୈଠକ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ସଭା ଆରମ୍ଭ ହେବା ପରେ ରାଜ୍ୟ ସମ୍ପାଦକ ପାଣଗ୍ରାହୀ ସଂଘ ପକ୍ଷରୁ ଶୋକ ପ୍ରସ୍ତାବ ଆଗତ କରି ବିଭିନ୍ନ ରେଞ୍ଜର ବିୟୋଗ ହୋଇଥିବା କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଶାନ୍ତି ଓ ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଭକ୍ତ ବନ୍ଧୁ ଧାରୁଆ, ମଙ୍ଗଳ ସାଇ ବଗର୍ତ୍ତି, ନଟ ନାଗ, ରୁଦ୍ର ନାଗ, ସୁରେଶ ବେହେରା, ଭାସ୍କର ପ୍ରଧାନ, ଅବଦୁଲ ରସିଦ, ଦୋରେଶ୍ୱର୍ ପଟେଲ, ବାବୁଲାଲ ପଟେଲ, ଈଶ୍ୱର ଶବର, ଶଙ୍କର ରାଉତ, ସାଲିକ ରାମ ରାଉତ ପ୍ରମୁଖଙ୍କ ସମେତ ପ୍ରାୟ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

## କାମ ନ କରି ମିଥ୍ୟା ବିଲ୍ ନେଇ ଭିଜିଲାନ୍ସରେ ଅଭିଯୋଗ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍**

■ ତଦନ୍ତ କଲେ ବିଡିଓ, କାର୍ଯ୍ୟାନୁଷ୍ଠାନ ପାଇଁ ଚାଲିଛି ଉଦ୍ୟମ

କେସିଙ୍ଗା,୨୭।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବାଲସି ଗ୍ରାମପଞ୍ଚାୟତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବାଲସି ଗ୍ରାମର ଜଡେନମୁଣ୍ଡା ରାସ୍ତାରେ କାମ ନ କରି ମିଥ୍ୟା ବିଲ ଭାଉଚର କରି ୧ ଲକ୍ଷ ୮୦ହଜାର ଟଙ୍କା ଉଠାଇ ଆତ୍ମସାତ କରିଥିବା ଗ୍ରାମବାସୀ ଭିଜିଲାନ୍ସରେ ଅଭିଯୋଗ କରିଛନ୍ତି। ବିଡିଓ ଏହା ଜାଣିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ରାସ୍ତା ପରିଦର୍ଶନ କରି ତଦନ୍ତ କରିଥିଲେ। ସେହି ରାସ୍ତାରେ ପ୍ରକୃତରେ କୌଣସି ମାଟି ରାସ୍ତା ହୋଇ ନ ଥିବା ଜାଣିବାକୁ ପାଇଥିଲେ। ସେହିଭଳି ବାଲସି ଗ୍ରାମରେ ଆଉ ୪ଟି ଉନ୍ନୟନ କାମରେ ବ୍ୟାପକ ଭାବେ ମିଥ୍ୟା ବିଲ ଭାଉଚର କରି ସରପଞ୍ଚ, ଜିଆରଏସ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବାର ଜଣାପଡିଛି। ଏହାର ତଦନ୍ତ କରିବା ପାଇଁ ଅତିରିକ୍ତ ବିଡିଓ, ଅତିରିକ୍ତ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର, କନିଷ୍ଠ ଯନ୍ତ୍ରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ତଦନ୍ତରେ ଅବହେଳା ଦେଖାଯାଉଥିବାରୁ ବିଡିଓ ଜିଲାପାଳଙ୍କ ଦୃଷ୍ଟି ଆଣିବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ସେପରି କଛାରପଦର ଆଦର୍ଶ ପୋଖରୀ ଏବଂ ରାସ୍ତା କାମରେ ମଧ୍ୟ ୨୦ଲକ୍ଷ ଟଙ୍କାର ହେରଫେର ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଡିଓ ପଦ୍ମନାଭ ପୁରୋହିତଙ୍କୁ ପଚାରିବାରୁ ଶୋକଜ ନୋଟିସ ସରପଞ୍ଚ, ଜିଆରଏସଙ୍କୁ ପ୍ରଦାନ କଲା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ

ଲାଞ୍ଜିଗଡ଼,୨୭।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ ଗୃହଠାରେ ବିଡିଓ ଶଶାଙ୍କ ପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଳାହାଣ୍ଡି ଉତ୍ସବ ପରିଚାଳନା ପାଇଁ ମୁଖ୍ୟ କମିଟି ସହିତ ଉପକମିଟି ମାନ ଗଠନ କରାଯାଇଥିଲା। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଂଜୀବ କୁମାର ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ତହସିଲଦାର କିରଣ କୁମାର ମହାନ୍ତି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ସମାଜ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପଙ୍କଜ ବଳିୟାର ସିଂହ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବିଜୟଶ୍ରୀ ସିଂହ, ବିଶନାଥପୁର ବନାଞ୍ଚଳ ଅଧିକାରୀ ନରୋତ୍ତମ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ଶଶାଙ୍କ ପାତ୍ର ଉପସ୍ଥିତ ସମସ୍ତଙ୍କୁ ଆସନ୍ତା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ସେଁପୁର ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଭବାନୀପାଟଣା,୨୭।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସେଁପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ଯୋଗଦେଇ ନବନିର୍ମିତ ବୌଦ୍ଧିକ ମଣ୍ଡପ ଉଦଘାଟନ କରି ଶିଶୁ ଭାଇଭଉଣୀଙ୍କୁ ମାର୍ଗଦର୍ଶନ କରିଥିଲେ। ସେହିପରି ଜେ.ପି. ସନ୍ଧ୍ୟା ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ଓ ଅଭିଭାବକମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଭବାନୀପାଟଣା ସଦର ବ୍ଲକ ଏବିଓ ଜୟ କୁମାର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଦୈନନ୍ଦିନ ଜୀବନରେ ଶିକ୍ଷାର ମହତ୍ତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ସମ୍ପାଦକ ନରେଶ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଟିକଦେବ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକରଧ୍ୱଜ ସାହୁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ସମାପ୍ତିପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ପରିଚାଳନା ଜନାର୍ଦ୍ଦନ ବାଗ କରିଥିଲେ। ପରିଚାଳନା ସମିତି କୋଷାଧ୍ୟକ୍ଷ ଶଶୀଭୂଷଣ ପ୍ରସାଦ ସାହୁ ତଥା ଅନ୍ୟ ସଦସ୍ୟ, ସଦସ୍ୟା ଓ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଲଖନା ପୋଲିସର ଜନସମ୍ପର୍କ ଅଭିଯାନ

ନୂଆପଡ଼ା,୨୭।୧୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ମେଣ୍ଡାଟାଲ ଗାଁରେ ଲଖନା ପୋଲିସ ପକ୍ଷରୁ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଖନା ଥାନା ଅଧିକାରୀ ଦୁର୍ଗା ମାଧବ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ସବିର ହୁସେନ ୱାର୍ଡମେମ୍ବର, ସାମାଜିକ କର୍ମୀ ରଫିକ ଭାଇ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଡାଟାଲ ପ୍ରଧାନ ଶିକ୍ଷକ ଖେମ ଦାସ, ପୂର୍ବତନ ସରପଞ୍ଚ ବିଦ୍ୟାଧର ଶବର, ସାମାଜିକ କର୍ମୀ ନାରାୟଣ ହଂସ, ଡେଡେଙ୍ଗା ୱାର୍ଡମେମ୍ବର ଉପେନ୍ଦ୍ର ଶବର, ମେଣ୍ଡାଟାଲ ୱାର୍ଡମେମ୍ବର ବିମଳା ବାଗ, ସାମାଜିକ କର୍ମୀ ରଞ୍ଜିତ ବରିହା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସ୍ଥାନୀୟ ଲୋକେ ଯୋଗଦେଇ ଅଞ୍ଚଳର ସମସ୍ୟା ଉପରେ ବିଶେଷ ଭାବେ ପୋଲିସ ଓ ଜନପ୍ରତିନିଧିଙ୍କ ସମ୍ମୁଖରେ ଆଲୋଚନା କରିଥିଲେ। ସୂଚନା ଅନୁସାରେ ସ୍ଥାନୀୟ ଅଞ୍ଚଳରେ ଏକ ପୋଲିସ ବିଭାଗର ଜଗୁଆଳି ଏବଂ ଏକ ଗୋଷ୍ଠୀ ଗୃହ ପାଇଁ ସାଧାରଣ ଲୋକେ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ଏହି ଅସୁବିଧାର ପ୍ରତିକାର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୧୦ ଦଫା ଦାବି ନେଇ ବିଏସ୍‌ପିର ଗଣଧାରଣା

ଥୁଆମୂଳ ରାମପୁର,୨୭।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିଏସ୍‌ପି ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଗଣଧାରଣା ଦିଆଯାଇଛି। ବ୍ଲକ ସଭାପତି ସୋମନାଥ ନାଏକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଶତାଧିକ ଦଳୀୟ କର୍ମୀ ସ୍ଥାନୀୟ କଲେଜ ଛକରୁ ବାହାରି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ଗଣଧାରଣା ଦିଆଯାଇଥିଲା। ଗଣଧାରଣାରେ ରାଜ୍ୟ ବିଏସପି ସଭାପତି ଟଙ୍କଧର ବାଗ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଏସପି ସଂଯୋଜକ ଦେବୀ ଚରଣ ଭାଟି, ଜିଲା ସଭାପତି ଜୟସେନ ନାଏକ, ଖଗେଶ୍ୱର ନାଏକ, ସୁଶୀଲ ଦୀପ, ସୁରେନ୍ଦ୍ର ନାଏକ, ଯୌବନ ନାଏକ, ରାଧାକାନ୍ତ ନାଏକ, ସଭା ମାଝିଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ବିଏସପି ପକ୍ଷରୁ ୧୦ଟି ଦାବି ନେଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ସିଜିମାଳି, କୁଟ୍ରୁମାଳି ଯଦି ଖନନ କରାଯାଏ ତାହା ହେଲେ ଥୁଆମୂଳ ରାମପୁର ବ୍ଲକ ଓ ସୁଙ୍ଗେର ସୀମାନ୍ତ (ବୋଡ଼ର୍) ଅଞ୍ଚଳରେ କାରଖାନା ସ୍ଥାପନ କରାଯାଉ, ଥୁଆମୂଳ ରାମପୁର ଡାକ୍ତରଖାନାରେ ଶିଶୁ, ପ୍ରସୂତୀ, ଔଷଧ ବିଶେଷଜ୍ଞ ନିଯୁକ୍ତି କରିବା ଓ ରକ୍ତଭଣ୍ଡାର ସ୍ଥାପନ, ଦଳିତ ଆଦିବାସୀମାନଙ୍କୁ ମିଥ୍ୟା କେଶରେ ଫସେଇ ଜେଲରେ ରଖିଥିବା ଲୋକମାନଙ୍କୁ ତୁରନ୍ତ ଖୋଲାସ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଯୌବନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



# ବୁଢ଼ାଡଙ୍ଗରର ଲୋକ ମହୋତ୍ସବ ଉଦ୍‌ଘାଟିତ

କେସିଙ୍ଗା,୨୭।୧୨(ତୁମେଶ୍ୱର ସାହୁ)




ବୁଢ଼ାଡଙ୍ଗର ମନ୍ଦିରଠାରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

କଳାହାଣ୍ଡି ଜିଲାର ଅଗ୍ରଣୀ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ବାର୍ଷିକ ଉତ୍ସବ ବୁଢ଼ା ଡଙ୍ଗର ଲୋକ ମହୋତ୍ସବ ମଙ୍ଗଳବାର ଆଡମ୍ବରରେ କେସିଙ୍ଗା ଜଗନ୍ନାଥ ମନ୍ଦିରରେ ଉଦଘାଟିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୁଆନ, ବିଡ଼ିଓ ପଦ୍ମନାଭ ପୁରୋହିତ ଅନୁଷ୍ଠାନ ପତାକା ଉତ୍ତୋଳନ କରିଥିଲେ। ପରେ ଅନୁଷ୍ଠାନ କର୍ମକର୍ତ୍ତା କେସିଙ୍ଗା ଇଷ୍ଟଦେବୀ ମା'ବୁଢ଼ା ଡଙ୍ଗରଙ୍କ ମନ୍ଦିରରୁ ବିରାଟ ମଶାଲ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣକୁ ଆସିଥିଲା। ଶୋଭାଯାତ୍ରାରେ ବଜାସାଲ ଓ ବିଭିନ୍ନ ପ୍ରକାର ଲୋକନୃତ୍ୟରେ କେସିଙ୍ଗା ସହର କମ୍ପି ଉଠିଥିଲା। ୧୨ଟାରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଯୋଗଦେଇ ବୁଢ଼ାଡଙ୍ଗର ଲୋକ

**ମଶାଲ ଶୋଭାଯାତ୍ରାରେ ବଜାସାଲ, ବିଭିନ୍ନ ନୃତ୍ୟରେ ଦୁଲୁକିଲା ସହର**

ମହୋତ୍ସବ ମଞ୍ଚ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ୬ଟାରେ ବୁଢ଼ା ଡଙ୍ଗର ଲୋକ ମହୋତ୍ସବ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡ଼ିଶା ଅନୁପମ ସାହା ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା ନିର୍ବାହୀ ଅଧିକାରୀ କଳାହାଣ୍ଡି ସଚିନ ପାୱାର, ବିଶାଖାପାଟଣା ରେଳ ବିଭାଗ ଏ ଡିଆର୍‌ଏମ ମନୋଜ ସାହୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ଓ କେସିଙ୍ଗା ନଗରପାଳ ନୃପରାଜ ଯାଦବ ପ୍ରମୁଖ ମଞ୍ଚାସୀନଥିଲେ। ପ୍ରଥମ ସନ୍ଧ୍ୟାରେ ଆସାମର ବିହୁ, ଓଡ଼ିଶୀ, ପଶୁନୃତ୍ୟ, ସମ୍ବଲପୁରୀ, ବଜାସାଲରେ ଉପସ୍ଥିତ ଅତିଥି ତଥା ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଜନସାଧାରଣଙ୍କୁ ମନମୁଗ୍ଧ କରିଥିଲା।

## ସଂକ୍ଷେପରେ

### ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ: ଯୁବ ଓଡ଼ିଶା-ନବୀନ ଓଡିଶା ଉଦ୍‌ଯାପିତ

ପୁରୁଣାକଟକ,୨୭।୧୨(ସୁକାନ୍ତ ପଟନାୟକ)

ବୁଧବାର ଦିନ ବୌଦ୍ଧ ଜିଲା ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପୁରୁଣାକଟକଠାରେ ଏକ ମାସରୁ ଉର୍ଦ୍ଧ୍ୱ ଦିନ ଧରି ଚାଲି ଆସୁଥିବା ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଉପ ଜିଲାପାଳ ତଥା ମହାବିଦ୍ୟାଳୟର ସଭାପତି ରବୀନ୍ଦ୍ର ନାଥ କହଁର, ଅଧ୍ୟକ୍ଷ ଡ଼ ରମେଶ ଚନ୍ଦ୍ର ତାରିଣିଆ, କାର୍ଯ୍ୟକ୍ରମର ଜିଲା ନୋଡାଲ ଅଫିସର ଗୀତାଞ୍ଜଳି ମହାପାତ୍ର, ନୋଡାଲ ଅଫିସର ଡ. ପ୍ରମୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ଡୁଙ୍ଗୁରିପାଲି,୨୭।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ମାଝିମୁଣ୍ଡା ଗାଁରେ ବୁଧବାର ସନ୍ଧ୍ୟା ୭ଟା ସମୟରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଲେ ସୁଶାନ୍ତ ନାଏକ (୩୫)। ତାଙ୍କ ଦୁଇ ହାତ ପୋଡି ଯାଇଛି ।

### ଫକୀର ବାବାଙ୍କ ଉର୍ସ ଉତ୍ସବ ପାଳିତ

ତରଭା,୨୭।୧୨(ମାନଭଞ୍ଜନ ମିଶ୍ର)

ହଜରତ ସୟଦ ସାହା ଅବଦୁଲ ଶକୁର ରହମେ ତୁଲ୍ଲା ଆଲ୍ଲେହେ ଓରଫ ତରଭା ୱାଲେ ଫକୀର ବାବାଙ୍କ ମଜାରରେ ମଙ୍ଗଳବାର ରାତିରେ ଭକ୍ତଙ୍କ ଦ୍ୱାରା କୁଲ ଫାତିଆ ପ୍ରଦାନ ପରେ ଦୁଇଦିନ ଧରି ଚାଲିଥିବା ଉର୍ସ ଉତ୍ସବ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ସୋମବାର ଚାଦର ଶୋଭାଯାତ୍ରା ମସଜିଦ ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। ସୂଚନାଯୋଗ୍ୟ , ଉର୍ସ ଉତ୍ସବର ପ୍ରଥମ ଦିନ ୬ଟି ଦରବାରୀ ଚାଦରକୁ ସହର ପରିକ୍ରମା କରାଇବା ପରମ୍ପରା ରହିଛି। ଏହି ୬ଟି ଚାଦର ମଧ୍ୟରୁ ପ୍ରଥମ ଦୁଇଟି ରାୟପୁରର ମହମ୍ମଦ ଆକବରଙ୍କ ପରିବାରରୁ ଆସୁଥିବା ବେଳେ ଦୁଇଟି ଚାଦର ଖଲିଆପାଲି ସମାଜ ପକ୍ଷରୁ , ଦୁଇଟି ବିଳାସପୁର ସହରର ଜୟପାଳ ମୁଦୁଲିଆରଙ୍କ ପରିବାରରୁ ଆସିଥାଏ। ପରେ ଅନ୍ୟାନ୍ୟ ଅନୁଷ୍ଠାନ ଓ ପରିବାରର ଚାଦର ସହର ପରିକ୍ରମା ପରେ ମଜାରରେ ଚଢା ଯାଇଥାଏ । ରାତ୍ରିରେ ତରଭା ମସଜିଦର ମୌଲାନା ମହମ୍ମଦ ସୁଲତାନ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତକରିର ଓ ନାଥଖାଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିହାରର ଗୟାରୁ ଆସିଥିବା ମହମ୍ମଦ ଉମର ନୁରାନୀ କିବଲା ତକିରିର ପ୍ରଦାନ କରିଥିବା ବେଳେ ଝାଡଖଣ୍ଡ ଗିରିଡିରୁ ଆସିଥିବା ସମସ ତରେଜ ସାହେବ ନାଥଖାଁ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଙ୍ଗଳବାର ଦିନ ଭକ୍ତମାନଙ୍କ ଦ୍ୱାରା ଚାଦର ଶୋଭାଯାତ୍ରା ବାହାରି ଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତରଭା ଆଇଆଇସିଙ୍କ ନେତୃତ୍ୱରେ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।ମସଜିଦ ମଜାର କମିଟି ସଭାପତି ଅଜନବୀ ଖାନଙ୍କ ନେତୃତ୍ୱରେ ଅକବର ଅଲ୍ଲୀ, ମୁକ୍ତାର ଖାନ, ନବାବ ଖାନ, ଏହେସାନ ଖାନ, ଇମ୍ରାନ ଖାନ,ଏଜାଜ ଖାନ, ମୁଜାଫର ଖାନ, ନୌସାଦ ମହମ୍ମଦ,ମନୱର ଖାନଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

କଣ୍ଟାମାଳ/ଘଣ୍ଟାପଡ଼ା,୨୭।୧୨ (ଆଦିତେଶ୍ୱର ମିଶ୍ର /ପ୍ରଭାତ ସାହୁ)

ଧାନବିକ୍ରୀ ସମସ୍ୟା ନେଇ ଚାଷୀଙ୍କ ପକ୍ଷରୁ ବୁଧବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ଠାରେ ରାସ୍ତାରୋକୋ କରାଯାଇଥିଲା । ଚାଷୀମାନେ କଣ୍ଟାମାଳ -ମନମୁଣ୍ଡା ୪୧ନଂ ରାଜ୍ୟ ରାଜପଥକୁ ସକାଳ ୬ଟା ଠାରୁ ଅପରାହ୍ନ ସାଢେ ଗୋଟାଏ ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଯାନବାହନ ଅଟକି ରହିଥିଲା ।

ପ୍ରକାଶ ଯେ, ବ୍ଲକର ଲୋକାପଡ଼ା ଓ ରୁଣ୍ଡିମହୁଲ ସେବା ସମବାୟ ସମିତିର ଶତାଧିକ ଚାଷୀ ଖରିଫ ଧାନ ବିକ୍ରୀ କରିବା ପାଇଁ ସରକାରଙ୍କ ନିୟମ ଅନୁସାରେ ପଞ୍ଜୀକରଣ କରିଥିଲେ ହେଁ ଟୋକନ ପାଇ ନ ଥିଲେ । ଏ ନେଇ ଚାଷୀମାନେ ଲିଖିତ ଭାବେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପ୍ରତିକାର କରାଯାଇ ନ ଥିଲା। ଶେଷରେ ଚାଷୀମାନେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୈଠକ କରି ବୁଧବାର ସକାଳେ ପଲଶାଗୋରା ହାଇସ୍କୁଲ ଛକଠାରେ ରାସ୍ତାରେ ଧାନବସ୍ତା ଥୋଇ ରାସ୍ତାରୋକୋ କରିଥିଲେ ।



ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

**ପଲଶାଗୋରାରେ ଯାନବାହନ ଚଳାଚଳ ବ୍ୟାହତ**

ପରେ ଲୋକାପଡ଼ା ସେବା ସମବାୟ ସମିତିର ସମ୍ପାଦକ ନିର୍ମଳ ବିଶ୍ୱାଳ ଓ କର୍ମଚାରୀ ପହଞ୍ଚି ଶତାଧିକ ଚାଷୀଙ୍କ ନାମ ପୁନଃ ଟୋକନ ପାଇବା ପାଇଁ ପଞ୍ଜୀକରଣ କରିଥିଲେ । ରାସ୍ତାରୋକୋ ଆନ୍ଦୋଳନରେ ଯୁବନେତା ଓମ ପ୍ରକାଶ ମିଶ୍ର, ମୁନା ମିଶ୍ର, ଚାଷୀ ନେତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ପ୍ରଧାନ, ଅସୀମ ଅଭିଷେକ ପଣ୍ଡା, ରଞ୍ଜନ ପଣ୍ଡା, ଲୋକାପଡା ପ୍ୟାକ୍ସ ସଭାପତି ପୀତାମ୍ବର ସାହୁ, ଆଦିତ୍ୟ ପ୍ରଧାନ, ମୁନା ସାହୁ, ସଙ୍କେତ ସାହୁ, ପୁରୁଷୋତ୍ତମ ଦଳବେହେରା, ଦିଲ୍ଲୀପ ମହାକୁଡ଼, ନବୀନ ମହାପାତ୍ର, ଗୋପାଳ ପୁରୋହିତ, ଆଲୋକ ଖେତୀ , ଅଚ୍ୟୁତ ଖମାରୀ, ପ୍ରମୋଦ ପ୍ରଧାନ, ଧନମାଳୀ କର୍ଣ୍ଣଙ୍କ ସମେତ ବହୁ ଚାଷୀ ସାମିଲ ଥିଲେ। ପରେ ଘଟଣାସ୍ଥଳରେ ଏଆରସିଏସ ହାଡିବନ୍ଧୁ ମହାକୁଡ଼ ଓ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜାନକୀ ସିଂ ପହଞ୍ଚି ଦାବି ପୂରଣ ଲାଗି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପରେ ସ୍ଥାନୀୟ କଲ୍ୟାଣମଣ୍ଡପ ରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଚାଷୀମାନେ ଆଲୋଚନା କରିବା ସହ ଟୋକନ ରୁ ବାଦ ପଡ଼ିଥିବା ଚାଷୀମାନଙ୍କ ନାମ ପୁନଃ ପଞ୍ଜୀକରଣ କରିଥିଲେ।

# ଯେଉଁଠି ଯାତ୍ରାରେ ହୁଏ ଅଶ୍ଳୀଳ ଗୀତ ଗାନ

ବୌଦ୍ଧ,୨୭।୧୨(ଅଜିତ କୁମାର ବାରିକ)

**ମର୍ଯ୍ୟାକୁଦରେ ଚୁଡ଼ାଖାଇ ଯାତ୍ରା ପାଳିତ**

ବୌଦ୍ଧର ଦ୍ୱୀପ କୁହାଯାଉଥିବା ମର୍ଯ୍ୟାକୁଦଠାରେ ଗତ ମଙ୍ଗଳବାର ଦିନ ଚୁଡାଖାଇ ଯାତ୍ରା ବା ସତୀ କନ୍ୟାଯାତ୍ରା ମହାସମାରୋହରେ ପାଳିତ ହୋଇଛି। ଏହି ଗ୍ରାମର ଚାରିପଟେ ମହାନଦୀ ଘେରି ରହିଛି। ଏଠାରେ କେଉଁ ଆବାହମାନ କାଳରୁ ସ୍ୱତନ୍ତ୍ର ଭାବେ ପାଳିତ ହୋଇଆସୁଅଛି ଚୁଡାଖାଇ ଯାତ୍ରା। ପ୍ରତିବର୍ଷ ମାର୍ଗଶୀର ମାସ ପୂର୍ଣ୍ଣିମା ଦିନ ଏହି ଯାତ୍ରା ପାଳିତ ହୋଇଥାଏ। ଯାତ୍ରାରେ ଅଶ୍ଳୀଳ ଗୀତ ନ ବୋଲିଲେ ଗାଁରେ ଅମଙ୍ଗଳ ହୁଏ ବୋଲି ଏକ ଧର୍ମୀୟ ଭାବନା ଗ୍ରାମବାସୀଙ୍କ ମନରେ କେଉଁ ଆବାହନ କାଳରୁ ରହିଆସିଛି। ଗାଁର ଇଷ୍ଟଦେବୀ ହେଉଛନ୍ତି ମା' ସତୀ କନ୍ୟା। ମା'ଙ୍କ ନିକଟରେ ଗ୍ରାମର ନାରୀମାନେ ଏହି ଯାତ୍ରା ଦିନ ପୂଜା କରିବାର ବିଧି ରହିଛି। ମା' ଜଣେ କୁମାରୀ କନ୍ୟା ହୋଇଥିବା ହେତୁ ଏଠାରେ ନଡିଆ, ଉଖୁଡା, ଖିରି, ପିଠା, ସିନ୍ଦୁର, କଜ୍ଜଳ ସହିତ ମାଇ କୁକୁଡା ଏବଂ ମାଇ ଛେଳି ଭୋଗ ଲାଗି କରାଯାଇଥାଏ। ଯାତ୍ରା ଦିନ ଗ୍ରାମର ଛୋଟ ପିଲାଠାରୁ ଆରମ୍ଭ କରି ଯୁବତୀ ଯୁବକ, ବୃଦ୍ଧା ବୃଦ୍ଧ ଏକତ୍ରିତ ହୋଇ ଅଶ୍ଳୀଳ ଗୀତ ଗାନ କରି ବିରାଟ ପଟୁଆରରେ ଗାଁ ପରିକ୍ରମା କରିଥାନ୍ତି। ଗ୍ରାମର ଦେହୁରୀଙ୍କ ଘରେ ମା' ବର୍ଷସାରା ପୂଜା ପାଇ ଆସୁଥିବା ବେଳେ ମାର୍ଗଶୀର ପୂର୍ଣ୍ଣିମାରେ ମା' ସତୀକନ୍ୟାଙ୍କ ପୀଠରେ କେବଳ ଗୋଟିଏ ଦିନ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଅଶ୍ଳୀଳ ଗୀତ ଗାନ ହୋଇଥିବା ବେଳେ ଏହାକୁ ଉପଭୋଗ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମି ଥାଏ। ପୂର୍ବରୁ ଗ୍ରାମକୁ ଡଙ୍ଗା ସାହାଯ୍ୟରେ ଯିବାକୁ ପଡୁଥିବା ବେଳେ ଏବେ ଉକ୍ତ ଦ୍ୱୀପକୁ ସେତୁ ନିର୍ମାଣ ହୋଇଥିବାରୁ ଚଳିତବର୍ଷ ଯାତ୍ରା ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

# ବଣିକ ସଂଘର ବୈଠକ

ବୌଦ୍ଧ,୨୭।୧୨ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବଣିକ ସଂଘର ବାର୍ଷିକ ବୈଠକ ମଣିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଅଜିତ କୁମାର ଦେହୁରୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୁରୁଣାକଟକ ସହରରେ ହମ୍ପସ୍ ନିର୍ମାଣ, ପୁରୁଣାକଟକ ଠାରେ ବିଇଓ ଅଫିସ ନିର୍ମାଣ ଓ ବାଇପାସ୍ ନିର୍ମାଣ ନେଇ ଜିଲାପାଳଙ୍କୁ ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଭେଟିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସମ୍ପାଦକ ସନ୍ତୋଷ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଦେବଦେବୀଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ



ପରିକ୍ରମା ପ୍ରକଳ୍ପ ପାଇଁ ଦେବଦେବୀଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ବୌଦ୍ଧରେ ପ୍ରତିନିଧି ଦଳ ।

ବୌଦ୍ଧ,୨୭।୧୨(ଅଜିତ କୁମାର ବାରିକ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମିତ୍ତ ନିମନ୍ତ୍ରଣ ପତ୍ର ପ୍ରଦାନ ପାଇଁ ବୁଧବାର ଦିନ ପୁରୀରୁ ଆସିଥିବା ସ୍ୱତନ୍ତ୍ର ପ୍ରତିନିଧି ଦଳଙ୍କୁ ବୌଦ୍ଧରେ ଜିଲା ପ୍ରଶାସନ ପକ୍ଷରୁ ସର୍କିଟ ହାଉସଠାରେ ସ୍ୱାଗତ କରାଯାଇଥିଲା । ସ୍ୱତନ୍ତ୍ର ପ୍ରତିନିଧି ଦଳଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପାଛୋଟି ନିଆଯାଇଥିଲା। ସେଠାରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ , ଉପ ଜିଲାପାଳ ରବୀନ୍ଦ୍ରନାଥ କହଁର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ମନ୍ଦିର କମିଟିର କର୍ମକର୍ତ୍ତା ପ୍ରତିନିଧି ଦଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରତିନିଧି ଦଳ ପୁରୁଣାକଟକର ମା' ଭୈରବୀ ମନ୍ଦିରର ପୂଜକ ଅଜିତ କୁମାର ଦେହୁରୀ ଓ ପ୍ରଦୀପ କୁମାର ଦେହୁରୀ, ବୌଦ୍ଧ ସହରର ଚନ୍ଦ୍ରଚୁଡ ମନ୍ଦିରର ପୂଜକ ହରିଶ ପ୍ରସାଦ ବିଶି, ଦେବାଶିଶ ବିଶି , କମିଟି ସଦସ୍ୟ ଦେବାଶିଷ ପୁରୋହିତଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳ ପୁରୀ ଶ୍ରୀମନ୍ଦିର ପରିକ୍ରମା ଉତ୍ସବ ପାଇଁ ନିମନ୍ତ୍ରଣ କରିଥିଲେ। ସ୍ୱତନ୍ତ୍ର ପ୍ରତିନିଧି ଦଳରେ ରାଜକିଶୋର ପଣ୍ଡା, ଜଗବନ୍ଧୁ ମହାସୁଆର, ଲୋକନାଥ ଖୁଣ୍ଟିଆ, ସୁଆର, ମହାସୁଆର ନିଯୋଗ ସେବାୟତ ସାମିଲ ହୋଇଥିଲେ। ନିମନ୍ତ୍ରଣ ପତ୍ର ପ୍ରଦାନ ପରେ ପ୍ରତିନିଧି ଦଳ ସୁବର୍ଣ୍ଣପୁର ଜିଲା ଗସ୍ତ କରିଥିବା ଜଣାପଡିଛି। ଶ୍ରୀମନ୍ଦିର ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭଳି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ଗନ୍ଧରାଡୀ ମନ୍ଦିର ( ଚାରଶମ୍ଭୁ ମନ୍ଦିର) ଏବଂ ସହରର ରାମେଶ୍ୱର ମନ୍ଦିରକୁ ନିମନ୍ତ୍ରଣ ପତ୍ର ନ ଆସିବାରୁ ମନ୍ଦିର ତାଲିକା ପ୍ରସ୍ତୁତିକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି ହୋଇଛି ।

# ପାତାଳି ଶ୍ରୀକ୍ଷେତ୍ରରେ ପହଞ୍ଚିଲା ନିମନ୍ତ୍ରଣ ପତ୍ର

## ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ

ସୋନପୁର,୨୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଜାନୁୟାରୀ ୧୭ରେ ଅନୁଷ୍ଠିତ ହେବାକୁ ଯାଉଛି । ନିମନ୍ତ୍ରଣପତ୍ର ବାଣ୍ଟିବାକୁ ୩୦ଟି ଟିମ ଯାତ୍ରା ଆରମ୍ଭ କରିଛି । ଏହି କ୍ରମରେ ପୁରୀରୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ବରିଷ୍ଠ ଅଧିକାରୀ ବିକାଶ ମହାନ୍ତି ଓ ସେବାୟତ ପ୍ରତିନିଧି ମନୋଜ ମହାନ୍ତି, ରାଜକିଶୋର ପଣ୍ଡା ଓ ରାଜେଶ ଖୁଣ୍ଟିଆ ନିମନ୍ତ୍ରଣପତ୍ର ବାଣ୍ଟିବାକୁ ସୁବର୍ଣ୍ଣପୁରରେ ବୁଧବାର ସନ୍ଧ୍ୟାରେ ପହଞ୍ଚିଛନ୍ତି। ସେମାନଙ୍କୁ ସହରର ନଳିନୀ ଛକରେ ଜିଲାପାଳ ବିମଳେନ୍ଦୁ ରାୟ , ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ସହରର ବିଶିଷ୍ଟ ବ୍ୟକ୍ତି, ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ହରିବୋଲ ହୁଳହୁଳି ଧ୍ୱନି ଓ ଭଜନ କୀର୍ତ୍ତନ କରି ଶ୍ରୀକ୍ଷେତ୍ର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସହରର ଜନସାଧାରଣ ଶୋଭାଯାତ୍ରାରେ ବାହାରି ରଜାପଡାସ୍ଥିତ ପୁରୁଣା ବଡ଼ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ଶ୍ରୀମନ୍ଦିର ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଡ ଜଗନ୍ନାଥ ମନ୍ଦିର ପୂଜକଙ୍କୁ ପ୍ରଦାନ କରା ଯାଇଥିଲା।

# ଡୁଙ୍ଗୁରିପାଲିରେ ବିଜେଡିର ପ୍ରତିଷ୍ଠା ଦିବସ




ଗଣଦୌଡରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଜେଡି କର୍ମୀ ବୃନ୍ଦ ।

ଡୁଙ୍ଗୁରିପାଲି,୨୭।୧୨ (ଦୀନବନ୍ଧୁ ସୁନା)

**ଗଣଦୌଡରେ ସାମିଲ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସୋନପୁର ନିର୍ବାଚନମଣ୍ଡଳୀର ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଗଣଦୌଡ ହୋଇଥିଲା। ୨୬ ନମ୍ବର ଜାତୀମୟ ରାଜପଥ ଶିଶୁ ମନ୍ଦିର ଛକଠାରୁ ମନ୍ତ୍ରୀ ପୂଜାରୀଙ୍କ ସମେତ ଯୁବ ବିଜେଡି କର୍ମୀମାନେ ଡୁଙ୍ଗୁରିପାଲି ସହର ପରିକ୍ରମା କରି ହାଇସ୍କୁଲ ଖେଳପଡିଆରେ ପହଞ୍ଚି ଥିଲେ । ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ମନ୍ତ୍ରୀ ପୂଜାରୀ କହିଥିଲେ, ଯୁବକମାନେ ହେଉଛନ୍ତି ଦେଶର ଭବିଷ୍ୟତ । ଏଣୁ ନିଜକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମର ଆବଶ୍ୟକତା ରହିଥିବା ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ମନ୍ତ୍ରୀ ଉପସ୍ଥିତ ଯୁବ ବିଜେଡି କର୍ମୀମାନଙ୍କୁ ଅବଗତ କରାଇଥିଲେ। ଜିଲା ବିଜେଡି ଉପସଭାପତି ରମେଶ ଚନ୍ଦ୍ର ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ପାଣ୍ଡିଆ, ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶାଳ, ବିଜେଡି ଜୋନସ୍ତରୀୟ ଛାତ୍ର ସଭାପତି ବିଭୁଦତ୍ତ ରାଜହଂସ, ଚେରୁପାଲି ସରପଞ୍ଚ ଦିଲୀପ ଶତପଥୀ, ରାମପୁର ଜିଲା ପରିଷଦ ସଦସ୍ୟ ଗଣେଶ ଭୋଇ, ଉମେଶ ପୂଜାରୀ, ଜିତେନ୍ଦ୍ର ସାହୁ, ଧର୍ମେନ୍ଦ୍ର ବିଶାଳ, ରଞ୍ଜନ ଠେଲା, ସରପଞ୍ଚ ସଂଘ ସଭାପତି ମନୋଜ କୁମାର ପୁରୋହିତ, ପ୍ରଶାନ୍ତ ସାହୁ, ରୋହିତ ସାହଙ୍କ ସମେତ ଦଳୀୟ କର୍ମୀ ଗଣଦୌଡରେ ସାମିଲ ରହିଥିଲେ।

# ଭବିଷ୍ୟ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକୋତ୍ସବ

ବିନିକା,୨୭ ।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠିଠାରେ ଥିବା ଭବିଷ୍ୟ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲର ମୁଖ୍ୟ ଡ. ଭବାନୀ ଶଙ୍କର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ଭବିଷ୍ୟତ ଗଠନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳଙ୍କ ସ୍ତ୍ରୀ ଦୀପ୍ତି ରାୟ, ଭବିଷ୍ୟ ସ୍କୁଲ ଚେୟାରମ୍ୟାନ ସଞ୍ଜୀବ କୁମାର ସୁବୁଦ୍ଧି, ମ୍ୟାନେଜିଂ ଡାଇରେକ୍ଟର ସୁଧାଂଶୁ ଶେଖର ଦାଶ,ଭାଇସ ଚେୟାରମ୍ୟାନ ସଞ୍ଜୀବ କୁମାର ପାତ୍ର,ସ୍କୁଲ ଅଧ୍ୟକ୍ଷ ସମ୍ପଦ ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ରାୟ ଗୀତ ଗାଇ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ସମ୍ପଦ ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲ ପରିଚାଳନା କମିଟି ଆସିଷ୍ଟାଣ୍ଟ ମ୍ୟାନେଜିଂ ଡାଇରେକ୍ଟର ସୁନୀଲ କୁମାର ମେହେର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କଳା ପଲ୍‌ସରରେ ଆସି ସୁନାଚେନ୍ ଲୁଟି ନେଲେ

- ଜୁଏଲେରିରୁ କିଣି ଭ୍ୟାନିଟି ବ୍ୟାଗ୍‌ରେ ରଖିଥିଲେ ମହିଳା
- ସୁବର୍ଣ୍ଣପୁର ସହରରେ ବଢୁଛି ଚୋରି, ଛିନ୍‌ତାଇ

ସୋନପୁର,୨୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ଗତ କିଛି ମାସ ହେବ ଚୋରି, ଛିନ୍‌ତାଇ ଭଳି ଆପରାଧିକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ସୁନା ଅଳଙ୍କାର ଲୁଟ୍ ପାଇଁ ମହିଳାଙ୍କୁ ଟାର୍ଗେଟ୍ କରାଯାଉଛି। ଲୁଟେରାମାନେ କଳା ପଲ୍‌ସର ଧରି ସହର ଓ ଗଳିକନ୍ଦିରେ ବୁଲୁଛନ୍ତି। ବୁଧବାର ମଧ୍ୟାହ୍ନରେ ସୋନପୁର ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରୁ ୨ ଜଣ ଲୁଟେରା ଜଣେ ମହିଳାଙ୍କ ନିକଟରୁ ସୁନା ଚେନ୍ ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ଟାଉନ ଥାନା ଠାରୁ ମାତ୍ର ୧୦୦ମିଟର ଦୂରରେ ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଜାରି ରଖିଥିଲେ ମଧ୍ୟ ଏଥିରେ ସଫଳତା ମିଳିନି। ସୂଚନା ଅନୁଯାୟୀ, ବୌଦ୍ଧ ଜିଲା ମନମୁଣ୍ଡା ଥାନା ପଲସାଗୋରା ଅଞ୍ଚଳର ଟଙ୍କଧର ପ୍ରଧାନ ନିଜ ଝିଅ ମାଧୁରିକାଙ୍କ ସହିତ ସୁନା ହାର କିଣିବାକୁ ଆସିଥିଲେ। ସହରର ମା' ବଗଳା ଜୁଏଲେରିରୁ ୩୦ ଗ୍ରାମ ଓଜନର ୨ଟି ସୁନା ହାର କିଣି ଟଙ୍କଧର ଓ ମାଧୁରିକା ଚାଲି ଚାଲି କାର ପାଖକୁ ଯାଉଥିଲେ। ମାଧୁରିକା ସୁନା ହାରକୁ ନିଜ ଭ୍ୟାନିଟି ବ୍ୟାଗ୍‌ରେ ରଖିଥିଲେ। ଏହି ସମୟରେ ଏକ କଳା ପଲ୍‌ସରରେ ୨ ଜଣ ଯୁବକ ଆସି ଭ୍ୟାନିଟିକୁ ମାଧୁରିକାଙ୍କ ନିକଟରୁ ଛଡାଇ ନେଇଥିଲେ। ଏ ସମ୍ପର୍କରେ ସୋନପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ ୩୪୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସହରର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ସମସ୍ତ ଉଦ୍ୟମ ହେଉଥିବା ସୋନପୁର ଆଇଆଇସି ପଦ୍ମାସିନୀ ମେହେର ସୂଚନା ଦେଇଛନ୍ତି। ତେବେ ସହରରେ ଚୋରି ଓ ଛିନ୍‌ତାଇ ବୃଦ୍ଧି ପାଇଥିବା ବେଳେ ଅଭିଯୁକ୍ତ ଧରା ନ ପଡିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୧୪ ତାରିଖ ରାତିରେ ଷ୍ଟେଟ୍‌ବ୍ୟାଙ୍କ ବଜାର ଶାଖା ସମ୍ମୁଖରେ ଥିବା ଦୀନେଶ ତେଜରାତି ଦୋକାନରେ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ସିସିଟିଭି ଫୁଟେଜ୍ ସହ ସନ୍ଧାନୀ କୁକୁର ଓ ଫରେନ୍‌ସିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ମାତ୍ର ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ମିଳିନି କି ଚୋରି ସାମଗ୍ରୀ ଓ ଟଙ୍କା ଉଦ୍ଧାର ହୋଇପାରିନି। ସେହିପରି ଗତ ୩ ତାରିଖରେ ସହର ର ଶାନ୍ତିନଗରରେ ରହୁଥିବା ରିଜର୍ଭ ପୋଲିସର କର୍ମଚାରୀ ଶୁଭ୍ରରଞ୍ଜନ ସାହୁଙ୍କ ଘରୁ ଚୋରି ହୋଇଥିଲା।

# ସମାଜସେବା ପାଇଁ ସମ୍ବର୍ଦ୍ଧନା, କୋଶଲି କବିତା ଆସର

ଅମରପାଲି,୨୭।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ଇନ୍ଦିରା ଗାନ୍ଧୀ ହାଇସ୍କୁଲ ପଡିଆରେ ସ୍ୱେଚ୍ଛାସେବୀ ସଂଗଠନ ସିୟା ପରିବାରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳେ ଏକ କୋଶଲି କବିତା ଆସର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗୀନ୍ଦ୍ର ପଣ୍ଡା, ଅଧ୍ୟାପକ ଯଜ୍ଞେଶ୍ୱର ବିଶି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସପ୍ତାଦୀପା ସାହିତ୍ୟ ସାଂସଦ ସଭାପତି ଦ୍ୱିତିକୃଷ୍ଣ ପଣ୍ଡା, ରବୀନ୍ଦ୍ର ନାଥ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ବେରିହା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କବି ଲକ୍ଷ୍ମୀନାରାୟଣ ସାହୁ ଓ ସନ୍ତୋଷିନୀ ନାୟକ ପରିଚାଳନା କରଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ କୋଶଲି କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ତଥା ରେଆର ପ୍ରତିଷ୍ଠାତା ସଦସ୍ୟ ଗୌରୀଶ୍ୟାମ ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ବରିଷ୍ଠ ନାଗରିକ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ସିୟାର ବାର୍ଷିକୋତ୍ସବ**

ସଂଘର ସଭାପତି ପ୍ରଫୁଲ୍ଲ ରଥ, ଯୁବ କଳାକାର ତଥା ଗବେଷକ ଶାଶ୍ୱତ ତ୍ରିପାଠୀ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ସାମାଜିକ କର୍ମୀ ପ୍ରେମାନନ୍ଦ ଜଟି, ବୌଦ୍ଧ ଶିଶୁ ମଙ୍ଗଳ ସମିତି ସଦସ୍ୟ ରାଜୀବ ନାୟକ, ଅଧ୍ୟାପକ ବିଜୟ ପଧାନ, ସିୟା ସମ୍ପାଦକ ସୁଦାମ ଗାଇଗରିଆ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ସମାଜସେବାକୁ ବ୍ୟାପକ କରିବା ସହ ଉପଲବ୍ଧ ସମ୍ବଳକୁ ସଠିକ ବିନିଯୋଗ କଲେ ସମାଜର ସବୁ ବର୍ଗ ଉପକୃତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଶିଶୁ କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଗୋବିନ୍ଦ ପଧାନ ଓ ପ୍ରମୋଦ ପଣ୍ଡାଙ୍କ ସଂଯୋଜନାରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହେଲ୍ପ ଟୁ ଅଦର, ମହାନଦୀ ଯୁବ ସଂଗଠନ, ମାହେଶ୍ୱରୀ ସେନା, ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ, ବୁଢାରଜା ଯୁବକ ସଂଘ,ଗ୍ରାମଥାନ ସୋନପୁର, ରେଆର ସୋନପୁର, ନେତାଜୀ ପାଠାଗାର ଏବଂ ୨୫ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିୟା ସଦସ୍ୟ ସୌମିତ୍ରୀ ରଣା, ସୁମନ ବେଲଘରିଆ, ବାସୁଦେବ ବେହେରା, ଶରତ ମେହେର, ସତ୍ୟରଞ୍ଜନ ମେହେର, ଦିଲୀପ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଅସହାୟଙ୍କ ଶବ ସତ୍କାର କଲା ଟିମ୍ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୨୭।୧୨(ଜୟ ନାରାୟଣ ମେଣ୍ଢୁଲି)

ଅସହାୟ ଯୁବକଙ୍କ ଶବ ସତ୍କାର କରି ପୁଣି ଚର୍ଚ୍ଚାକୁ ଆସିଛି ଟିମ୍ ଶ୍ମଶାନ ବନ୍ଧୁ। ବିହାର ଦରଭଙ୍ଗା ଜିଲା ମହତବା ଗ୍ରାମର ୪୦ ବର୍ଷୀୟ ଯୁବକ ବବଲୁ ମିଶ୍ରା ଲେଫ୍ରିପଡ଼ା ଥାନା ଉଜ୍ଜ୍ୱଳପୁର ଗ୍ରାମ ଆଖପାଖରେ ଟେମ୍ପୋ ଚଳାଉଥିଲେ। ରବିବାର ରାତିରେ ଉଜ୍ଜ୍ୱଳପୁର ବାଏପାସ ନିକଟରେ ତାଙ୍କର ମୃତଦେହ ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ବବଲୁଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ସୁନ୍ଦରଗଡ ସହର ଠାରୁ ଦୀର୍ଘ ୮୦୦ କିଲୋମିଟର ଦୂର ତାଙ୍କ ମୃତଦେହକୁ ନେବା ପାଇଁ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲା। ତେଣୁ ପରିବାର ଲୋକେ ଚିନ୍ତିତ ହୋଇପଡିଥିଲେ। ଉଜ୍ଜ୍ୱଳପୁର ଗ୍ରାମର ଯୁବକ ବିନିତ ବାଜପେୟୀ ଓ ଯୁବ ନେତା ସୋଭନ ଦାସଙ୍କୁ ସେମାନଙ୍କ ପରିବାର ସଦସ୍ୟ ଯୋଗାଯୋଗ କରିଥିଲେ। ବିନିତ ଓ ସୋଭନ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରି ସମସ୍ତ ବିଷୟ ଅବଗତ କରିଥିଲେ। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତଙ୍କ ସହିତ ଚିଣ୍ଟୁ ରକ୍ସା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ଆଶ୍ୱାସନା ଦେଇ ତୁରନ୍ତ ମହାପ୍ରୟାଣ ଗାଡି ଯୋଗେ ସ୍ଥାନୀୟ ସ୍ୱର୍ଗଦ୍ୱାରକୁ ନେଇ ପରମ୍ପରା ଓ ନୀତିନିୟମର ସହିତ ଶେଷକୃତ ସମ୍ପନ୍ନ କରିଥିଲେ।



ତୁମକେଲା ଓ ଲୁଆକେରା ବିସ୍ଥାପିତମାନେ ସେକ୍ଟର-୧୫ ଥାନା ଘେରାଉ କରିଛନ୍ତି।

# ମିକ୍ସଚର ପ୍ଲାଣ୍ଟ ନିର୍ମାଣ ପ୍ରତିବାଦରେ ଥାନା ଘେରାଉ

ରାଉରକେଲା, ୨୭।୧୨(ସଙ୍ଗୀତା ଜେନା)

**ଦୁଇପକ୍ଷ ଆଲୋଚନା ପରେ ଓହରିଲେ ବିକ୍ଷୋଭକାରୀ**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ନିର୍ମାଣ ହେଉଥିବା ଏକ ବ୍ୟାଚିଙ୍ଗ ମିକ୍ସଚର ପ୍ଲାଣ୍ଟକୁ ତୁମକେଲା ଓ ଲୁଆକେରା ବିସ୍ଥାପିତମାନେ ବିରୋଧ କରିଛନ୍ତି। ଏନେଇ ସେମାନେ ସେକ୍ଟର-୧୫ ଥାନା ଘେରାଉ କରିଥିଲେ। ପରେ ଦୁଇ ପକ୍ଷ ଆଲୋଚନା ପରେ ଆନ୍ଦୋଳନରୁ ଓହରିଥିଲେ ବିକ୍ଷୋଭକାରୀ। ୩ଦିନ ପୂର୍ବେ ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରା ଓ ତୁମକେଲା ଅଞ୍ଚଳରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଏକ ବ୍ୟାଚିଙ୍ଗ ମିକ୍ସଚର ପ୍ଲାଣ୍ଟ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ସ୍ଥାନୀୟ ଲୋକମାନେ କାର୍ଯ୍ୟ ହେଉଥିବା ଜମିଗୁଡ଼ିକ ନିଜ ପୂର୍ବପୁରୁଷଙ୍କ ଦର୍ଶାଇ କାମ ବନ୍ଦ କରି ଦେଇଥିଲେ। ତେବେ ମଙ୍ଗଳବାର ପୁନଶ୍ଚ କାମ ଆରମ୍ଭ କରିବା ସମୟରେ ସମାନ ପରିସ୍ଥିତି ଉପୁଜିଥିଲା। ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ନିଜ ଜମିପଟ୍ଟା ବୁଧବାର ସୁଦ୍ଧା ରାଉରକେଲା ତହସିଲଦାରଙ୍କୁ ଦେଖାଇବାକୁ କହିଥିଲେ। ଏ ନେଇ ସକାଳେ ଉକ୍ତ ଅଞ୍ଚଳର ଶତାଧିକ ବିସ୍ଥାପିତ ଅଜୟ କଂସାରୀ, ସୋନୁ କଂସାରୀ, ଯୁଧିଷ୍ଠିର ସିଂହ, ବୁଧରାମ ଭୂମିଜ୍, ଥୋମାସ ଟପ୍ପୋ ପ୍ରମୁଖଙ୍କ ନେତୃତ୍ୱରେ ସେକ୍ଟର-୧୫ ଥାନା ଘେରାଉ କରିଥିଲେ। ରାଉରକେଲା ତହସିଲଦାର ନ ଥିବା ଦର୍ଶାଇ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସ୍ଥାନୀୟ ବିସ୍ଥାପିତଙ୍କୁ ଫେରାଇ ଦେବାକୁ କହିଥିଲେ। ଏଥିରେ ଅତିଷ୍ଠ ହୋଇ ଲୋକେ ନାନା ପ୍ରକାର ସ୍ଲୋଗାନ୍ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୁଇପକ୍ଷ ଆଲୋଚନା କରି ସମସ୍ୟାର ସମାଧାନ ହେଉ ବୋଲି ସ୍ଥାନୀୟ ଲୋକେ ଜିଦ୍ ଧରି ଅଡ଼ିବସିଥିଲେ। ଶେଷରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏଥିରେ ରାଜି ହେବାରୁ ବିକ୍ଷୋଭକାରୀ ପ୍ରଦର୍ଶନରୁ ଓହରିଥିଲେ। ନେତୃତ୍ୱ ନେଇଥିବା ଅଜୟ କଂସାରୀ କହିଲେ, ପ୍ରାୟ ୧୯୫୦ ମସିହାରେ ରାଜ୍ୟ ସରକାର ରାଉରକେଲାରେ ଇସ୍ପାତ କାରଖାନା ନିର୍ମାଣ କରିବାକୁ ୨୦ ହଜାର ଏକର ଜମି ନେଇ ଆର୍‌ଏସ୍‌ପିକୁ ଦେଇଥିଲେ। ହେଲେ ଏଥିରେ ୫ହଜାର ଏକର ଜମି ଅବ୍ୟବହୃତ ବା ବଳକା ରହିଛି। ଯାହାକୁ ବାରମ୍ବାର ଦାବି କଲେ ମଧ୍ୟ ରାଜ୍ୟ ସରକାର ଫେରାଉନାହାନ୍ତି। ବେଆଇନ ଭାବେ ଆମ ଜମିକୁ ଅକ୍ତିଆର କରୁଛନ୍ତି। ଏହା ପାଇଁ ଆମେ ଦୁର୍ବାର ଆନ୍ଦୋଳନ ପନ୍ଥା ଆପଣେଇବୁ ବୋଲି କଂସାରୀ କହିଥିଲେ। ସେହିପରି ଥୋମାସ ଟପ୍ପୋ ଓ ଅନ୍ୟନେତୃବୃନ୍ଦ ବିକ୍ଷୋଭ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ୩ ମାସ ଶିଶୁକନ୍ୟାର ଚିକିତ୍ସାରେ ବାଧା

ରାଉରକେଲା,୨୭।୧୨(ସଙ୍ଗୀତା ଜେନା)

**ରାଉରକେଲାରୁ ଭୁବନେଶ୍ୱରକୁ ବିମାନ ନ ଉଡ଼ିବାରୁ ଆସିପାରିଲେ ନାହିଁ**

ରାଉରକେଲାରୁ ଭୁବନେଶ୍ୱରକୁ ବିମାନସେବା ମଙ୍ଗଳବାର ବାତିଲ ହେବା ଯୋଗୁ ଜଣେ ୩ ମାସର ଶିଶୁକନ୍ୟାଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହୋଇଥିବା ସୂଚନା ମିଳିଛି। ରାଉରକେଲାରୁ ଭୁବନେଶ୍ୱରକୁ ବିମାନସେବା ବାତିଲ ହେବାରୁ ଚିକିତ୍ସା ଲାଗି ଭୁବନେଶ୍ୱର ଆସିପାରି ନ ଥିଲେ। ଶିଶୁକନ୍ୟାର ଅଭିଭାବକ ଅନ୍ୟ ଉପାୟ ନ ପାଇ ଚିକିତ୍ସା ତାରିଖ ଆଗକୁ କରାଇଥିବା କହିଛନ୍ତି। ଏପରି ଘଟଣା ହୋଇଛି ସେକ୍ଟର-୬ରେ ରହୁଥିବା ସୁବ୍ରତ ଦାସଙ୍କ ଶିଶୁକନ୍ୟାଙ୍କ ଚିକିତ୍ସା କ୍ଷେତ୍ରରେ। ସୁବ୍ରତ ନୂଆପଡ଼ାରେ ଏକ ପଞ୍ଚାୟତରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟରତ। ସେ କହିଛନ୍ତି, ତାଙ୍କର ୩ ମାସର ଶିଶୁ କନ୍ୟା ଅପରିପକ୍ୱ ଜନ୍ମ ହୋଇଥିଲା। ସେଥିଲାଗି ଉକ୍ତ ଶିଶୁ ଆଖିରେ ସମସ୍ୟା ରହିଛି। ଶିଶୁର ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଚକ୍ଷୁ ହସ୍ପିଟାଲରେ ଡାକ୍ତରଙ୍କ ସହ ଯୋଗାଯୋଗ କରି ଆପଏଣ୍ଟମେଣ୍ଟ ନିଆଯାଇଥିଲା। ଏଥିଲାଗି ନିଜର ଓ ସ୍ତ୍ରୀ ଦେବଶ୍ରୀ ଦାସ ତଥା ଉକ୍ତ ଶିଶୁକନ୍ୟାର ୨୬ ତାରିଖ ରାଉରକେଲାରୁ ଭୁବନେଶ୍ୱରକୁ ବିମାନ ଟିକେଟ୍ କରାଇଥିଲେ। ୨୭ ତାରିଖ ଅର୍ଥାତ ବୁଧବାର ସକାଳ ୮ଟାରେ ଡାକ୍ତର ପରାମର୍ଶ ଯିବାକୁ ଥିବା ଯୋଗୁ ଏପରି କରାଯାଇଥିଲା। ମଙ୍ଗଳବାର ସକାଳ ସାଢ଼େ ୯ଟା ସୁଦ୍ଧା ରାଉରକେଲା ବିମାନବନ୍ଦରରୁ ୨ଥର ଉଡ଼ାଣ ସମୟ ପରିବର୍ତ୍ତନର ସୂଚନା ଆସିଥିଲା। ହେଲେ ପୂର୍ବାହ୍ନ ୧୧ଟାରେ ଫ୍ଲାଇଟ୍ ବାତିଲ ହୋଇଯାଇଥିବା କର୍ତ୍ତୃପକ୍ଷ ଶେଷରେ ସୂଚନା ଦେଇଥିଲେ। ଏପରିକି ସମ୍ପୃକ୍ତ ବିମାନ କମ୍ପାନୀ ଏତେ ପର୍ଯ୍ୟନ୍ତ କୌଣସି ସୂଚନା ପ୍ରଦାନ କରି ନ ଥିଲେ। ଟିକେଟ୍ ରାଶି ମଧ୍ୟ ଫେରସ୍ତ ହୋଇ ନ ଥିଲା ବୋଲି ସୁବ୍ରତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ରାଉରକେଲା ବିମାନବନ୍ଦର କର୍ତ୍ତୃପକ୍ଷର ଅଧିକାରୀ ରାହୁଲ ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। ସୂଚନାଯୋଗ୍ୟ, ସୁବ୍ରତ ଓ ତାଙ୍କ ପରିବାରବର୍ଗ ମଙ୍ଗଳବାର ଦିନ ୧ଟାରେ ଯାତ୍ରା କରିଥାନ୍ତେ।

# ଲୋକାଭିମୁଖୀ କାର୍ଯ୍ୟକ୍ରମ ଅବଗତ କରାଇଲେ ପଦାଧିକାରୀ




ସମାବେଶରେ ବିଧାୟିକା ଅଳକା ମହାନ୍ତିଙ୍କ ସମେତ ଦଳୀୟ କର୍ମକର୍ତ୍ତା।

ବ୍ରଜରାଜନଗର,୨୭।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରଜରାଜନଗର ସୁଇମିଂ ପୁଲ ପଡିଆରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଧାୟିକା ଅଳକା ମହାନ୍ତି ଖଲିଆକାଣି ଛକଠାରେ ଥିବା ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେ ଦଳୀୟ କର୍ମୀମାନଙ୍କ ସହ ଶୋଭାଯାତ୍ରାରେ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଆସି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବିଧାୟିକା ଅଳକା ଉପସ୍ଥିତ କର୍ମୀ ଓ ଭୋଟରଙ୍କୁ ଶପଥ ପାଠ କରାଇଥିଲେ। ବିଜୁ ଜନତା ଦଳର ସଦସ୍ୟ ବିଶ୍ୱନାଥ ନାୟକ ସଭା ସଞ୍ଚାଳନ କରିଥଲେ। ବ୍ରଜରାଜନଗର, ବେଲପାହାଡ, ଲଖନପୁର, ପାଞ୍ଚଗାଁ, ବାନ୍ଧବହାଲ, ଥର୍ମାଲ ଅଞ୍ଚଳରୁ ଦଳୀୟ ପଦାଧିକାରୀ ଯୋଗଦେଇ ବିଜୁ ଜନତା ଦଳର ଲୋକାଭିମୁଖୀ କାର୍ଯ୍ୟକ୍ରମ ବାବଦରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିରେ ବ୍ରଜରାଜନଗର ପୌରାଧକ୍ଷା ଯାଜ୍ଞସେନୀ ଓରାମ, ଲଖନପୁର ବ୍ଲକ ଅଧକ୍ଷା ହିତେଶ୍ୱରୀ ତିହିରିଆ, ବେଲପାହାଡ ପୂର୍ବତନ ପୌରାଧକ୍ଷ ପର୍ଶୁରାମ ସାହୁ, ଝାରସୁଗୁଡା ଜିଲା ବିଜେଡି ଉପସଭାପତି ଶମ୍ଭୁ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପରିଶେଷରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସୁପୁତ୍ର ପୁରୁଷୋତ୍ତମ ମହାନ୍ତି ଧନ୍ୟବାଦ ଦେଇଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ,୨୭।୧୨( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଦାଣ୍ଡଜମରା ଗ୍ରାମରେ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଜିଲାର ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ବିଜେଡ ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ଗୋବର୍ଦ୍ଧନ ହାହା, ପୂର୍ବତନ ସରପଞ୍ଚ ଭଗବାନ ଲାକ୍ରା, ଖେଳ ଶିକ୍ଷକ ଉଗ୍ରସେନ ବେହେରା, ଅଚ୍ୟୁତାନନ୍ଦ ବେହେରା, ସରୋଜ କୁମାର ବେହେରା, ଲଳିତ ମୋହନ ବେହେରା, କଳ୍ପ ସେଠ୍ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୈଶିକ ବେହେରା ଓ ବଣ୍ଟି ପଟେଲ ଖେଳ ପରିଚାଳନା କରୁଥିଲାବେଳେ ରଞ୍ଜନ କୁମାର୍ ବେହେରା ସ୍କୋରର ଦାୟିତ୍ୱ ତୁଲାଉଛନ୍ତି। ଆୟୋଜକ କମିଟିର ବବୁଲୁ ସାହୁ, ତେଜ ରାମ ବେହେରା, ତରୁଣ ଦାସ, ସଞ୍ଜୀବ ବେହେରା, ସର୍ମନ୍ ସେଠ୍, ଅଙ୍କିତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଟୁର୍ନାମେଣ୍ଟ ପରିଚାଳିତ ହେଉଛି। ଆସନ୍ତା ୩୧ରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ।



ମୁଖ୍ୟ ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ଗଡ଼ିଲା ମାଣ୍ଡିଆ ମଣ୍ଡିର ସଚେତନତା ରଥ

ସୁନ୍ଦରଗଡ,୨୭।୧୨(ଜୟ ନାରାୟଣ ମେଣ୍ଢୁଲି)




ଟାଙ୍ଗରପାଲି ବ୍ଲକରେ ମାଣ୍ଡିଆ ମଣ୍ଡି ନିମନ୍ତେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ମୁର୍ମୁ ବ୍ଲକ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ କୃଷି ବିଭାଗର ଅଧିକାରୀ ବୃନ୍ଦ, ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତିର କାର୍ଯ୍ୟକର୍ତ୍ତା ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ସହଯୋଗୀ ଅନୁଷ୍ଠାନ ସେବକ, ରଙ୍ଗିଆମୁଣ୍ଡାର ଦାୟିତ୍ୱ ଓ ନେତୃତ୍ୱରେ ଏହି ରଥ ଟାଙ୍ଗରପାଲି ବ୍ଲକର ୧୩ଟି ପଞ୍ଚାୟତର ଗାଁ ଗାଁରେ ୪ଦିନ ଧରି ପରିକ୍ରମା କରିବ ଓ ଚାଷୀଙ୍କ ମଧ୍ୟରେ ମାଣ୍ଡିଆ ମଣ୍ଡିରେ ମାଣ୍ଡିଆ ବିକ୍ରି ନିମନ୍ତେ ଜନ ଜାଗରଣ ସୃଷ୍ଟି କରିବ। ପ୍ରକାଶଥାଉ, ଚଳିତ ବର୍ଷ ଖରିଫ ଋତୁ ୨୦୨୩-୨୪ ପାଇଁ ମାଣ୍ଡିଆ କୁଇଣ୍ଟାଲ ପ୍ରତି ୩୮୪୬ ଟଙ୍କା ସରକାର ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଚାଷୀମାନେ ନିଜ ମଣ୍ଡିଆକୁ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ। ଏହି ମଣ୍ଡି ଜାନୁୟାରୀ ୬ରୁ କାର୍ଯ୍ୟକ୍ଷମ ହେବ ବୋଲି ସେବକ ଅନୁଷ୍ଠାନ ଓ ବସୁଧା କୃଷକ ସଂଗଠନ ତରଫରୁ ସ୍ଥିର କରାଯାଇଛି। ସରକାରଙ୍କ କୃଷକ ଓ କୃଷି କଲ୍ୟାଣ ବିଭାଗ ତରଫରୁ ୨୦୧୭ରୁ ଆଦିବାସୀ ଅଞ୍ଚଳରେ ପୃଷ୍ଟିଶସ୍ୟର ବିକାଶ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ପୃଷ୍ଟିଶସ୍ୟ ମିଶନ ଚାଲୁଛି। ଏହି କାର୍ଯ୍ୟକ୍ରମକୁ ସେବକ ଅନୁଷ୍ଠାନର ମିଲେଟ ମିଶନର କର୍ମକର୍ତ୍ତା ଠଣସୁନ୍ଦର ଗନ୍ଧା, ଅମୀୟ ରଞ୍ଜନ ଲେଙ୍କା, ବିଶାଲ ବଞ୍ଚୋର, କ୍ରିତିକା ସିଂ,ସରିତା ବୁଡା, ଜସବନ୍ତ ରାଉତ, ସଞ୍ଜୟ ସିଂ, ଶୁଭମ ପଶାୟତ, ଆକାଶ ଚୌଧୁରୀ, ସୁମନ୍ତ ଖମାରି, ସୁଜାତା ପଟେଲ ଓ ଚନ୍ଦ୍ର ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

# ଗଙ୍ଗା ଆଳତି କଲେ ଗ୍ରାମବାସୀ

ବଡ଼ଗାଁ,୨୭।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଗ୍ରାମବାସୀ ଗଙ୍ଗା ଆଳତି ଓ ପୂଜାର୍ଚ୍ଚନା କରିଛନ୍ତି। ଗ୍ରାମର ଜଗନ୍ନାଥ ମନ୍ଦିରରୁ ପତିତପାବନ ସଙ୍କୀର୍ତ୍ତନ ମଣ୍ଡଳୀ ସଭାପତି ପ୍ରତାପ ବେଜି, ସମ୍ପାଦକ ଜିତେନ୍ଦ୍ର ସାହୁ, ଗୌନ୍ତିଆ ରୋହିତ ସାହୁ, ସଙ୍କୀର୍ତ୍ତନ ମଣ୍ଡଳୀର ସଦସ୍ୟ ଜେମା ବେଜି, ଇନ୍ଦିରା ସେଠ୍, କିରଣ ସାହୁ, ଶିବ ଶଙ୍କର ସେଠ୍, ଜିତେନ୍ଦ୍ର ନାଏକ, ରେବତୀ ମୋହନ ରାଜଙ୍କ ସହିତ ଗ୍ରାମବାସୀ ସଙ୍କୀର୍ତ୍ତନ କରି ବଜରଙ୍ଗ ଛକ ନିକଟ ପୋଖରୀକୁ ଯାଇଥିଲେ। ସେଠାରେ ମା' ଗଙ୍ଗାଙ୍କ ପୂଜାର୍ଚ୍ଚନା ପରେ ଆଳତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୟ ଜଗନ୍ନାଥ ଲୋକକଳା ପରିଷଦର ଜିଲା ସଭାପତି ବସନ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁରୀ ଗଜପତି ମହାରାଜାଙ୍କ ନିର୍ଦ୍ଦେଶ ଅନୁସାରେ ଗଙ୍ଗା ଆଳତି କରାଯାଇଥିଲା। ପ୍ରତିମାସ ପୂର୍ଣ୍ଣିମା ଦିନ ଗଙ୍ଗା ଆଳତି କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ସଂଗଠନ କର୍ମକର୍ତ୍ତାଙ୍କ ଠାରୁ ସୂଚନା ମିଳିଛି। ଜୟ ଜଗନ୍ନାଥ ଲୋକକଳା ପରିଷଦର ଜିଲା ସଭାପତି ବେହେରା ଓ ପତିତପାବନ ସଙ୍କୀର୍ତ୍ତନ ମଣ୍ଡଳୀର ସଭାପତି ବେଜି, ସମସ୍ତ ଗ୍ରାମବାସୀ ନିଜନିଜ ଗ୍ରାମରେ ଏହିପରି ଗଙ୍ଗା ଆଳତି କରିବାକୁ ଅନୁରୋଧ କରିଛନ୍ତି।

# ଅକ୍ଷତ ଚାଉଳ ବିତରଣ

ବଡ଼ଗାଁ,୨୭।୧୨(ଅଶୋକ ଷଡ଼ଙ୍ଗୀ): ରାମଜୀ ମନ୍ଦିରରେ ଗତ ୧୦ ତାରିଖରେ ଅଯୋଧ୍ୟା ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରରୁ ଆସିଥିବା ମନ୍ତ୍ରିତ ଅକ୍ଷତ ଚାଉଳକୁ ଯଜ୍ଞ କଳାପରେ ବ୍ଲକ ସ୍ତରକୁ ବିତରଣ କରାଯାଇଛି। ମଙ୍ଗଳବାର ଦେବ ମଣ୍ଡପରେ ହୋମ, ଯଜ୍ଞ କରାଯାଇ ଅକ୍ଷତ ଚାଉଳକୁ ପଞ୍ଚାୟତ ସଂଯୋଜକ ଓ ସହ ସଂଯୋଜକଙ୍କୁ ପ୍ରଦାନ କରାଯାଇଛି। ଜାନୁଆରୀ ୧୫ ମଧ୍ୟରେ ସମସ୍ତ ପରିବାରଙ୍କ ପାଖକୁ ଅକ୍ଷତ ଚାଉଳ ସହିତ ନିମନ୍ତ୍ରଣ ଓ ଫଟୋ ପହଞ୍ଚାଇବେ। ସୋନୁ ପାଣିଗ୍ରାହୀ ଓ ତୁଷାର ରଞ୍ଜନ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲାବେଳେ ସିତାରାମ ଖିଟିଡ଼ି ଓ ତାଙ୍କ ସ୍ତ୍ରୀ ସୁସ୍ମିତା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମର ଜିଲା ସଂଯୋଜକ ସନାତନ ନାଏକ, ବ୍ଲକ ସଂଯୋଜକ ଅଶୋକ ଷଡ଼ଙ୍ଗୀ, ସହ ସଂଯୋଜକ ଯୁଧିଷ୍ଠିର ସରଳିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଝାରସୁଗୁଡା ଡିଏଭି ସ୍କୁଲର ବାର୍ଷିକ କ୍ରୀଡ଼ା

ବ୍ରଜରାଜନଗର,୨୭।୧୨(ବିଜୟ ବରାଡ଼)

ଝାରସୁଗୁଡା ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଝାରସୁଗୁଡ଼ା ଏବିଇଓ ପ୍ରଦୀପ୍ତ କୁମାର ସା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ନର୍ସରୀଠାରୁ ଚତୁର୍ଥ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ବିଭିନ୍ନ ଇଭେଣ୍ଟ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ତଥା ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡ଼ା ଓଏସ୍‌ଏପି ୨ୟ ବାଟାଲିୟନର କମାଣ୍ଡାଣ୍ଟ ଆଶିଷ କୁମାର ଦୁବେ ମୁଖ୍ୟଅତିଥି ଭାବେ ଓ ଡେପୁଟି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଖେଳ ଶିକ୍ଷକ ମାନସ ରଞ୍ଜନ ଆଚାର୍ଯ୍ୟ, ପ୍ରକାଶ ପ୍ରଧାନ, ସଞ୍ଜୟ ରାୟ, ଦୀପକ କିଷାନ, ଅମିୟ ଷଣ୍ଢ ପ୍ରମୁଖ ବିଭିନ୍ନ ଇଭେଣ୍ଟ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ବିଜୟ କୁମାର ଦାଶ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଅଲେଖ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନପୂର୍ବକ ପୁରସ୍କୃତ କରିଥିଲେ।

# ଧାନମଣ୍ଡିରେ ଅବ୍ୟବସ୍ଥା ଦୂର କର

**ଜିଲାପାଳଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର ପ୍ରଦାନ**

ଦେବଗଡ,୨୭।୧୨(ଶଶାଙ୍କ ଶେଖର ଝାଙ୍କର)

ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ନେଇ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଉପଜିଲାପାଳ ପରକ୍ଷୀତ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାରେ ଗତ ୧୫ରୁ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଧାନମଣ୍ଡି ଗୁଡିକରେ କୁଇଣ୍ଟାଲ ପ୍ରତି ସାଢେ ୩ କେଜିରୁ ୭ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଛି।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଏଥିସହ ମିଲକୁ ଧାନ ଆଣିବା ପାଇଁ ମିଲର୍ସମାନେ ନିରୀହ ଚାଷୀଙ୍କୁ ବାଧ କରୁଛନ୍ତି। ଏଥିସହ ମିଲକୁ ଧାନ ଆଣି ନ ଦେଲେ ଧାନ ଉଠାଇବୁ ନାହିଁ ବୋଲି ଚାଷୀଙ୍କୁ ପରୋକ୍ଷରେ ଧମକ ଦେଉଛନ୍ତି। ଚାଷୀମାନେ ଅନନ୍ୟୋପାୟ ହୋଇ ମିଲ୍‌କୁ ଧାନ ନେଇ ଦେବା ସହ ହଜାର ହଜାର ଟଙ୍କାର କ୍ଷତି ସହୁଛନ୍ତି। ସବୁ ଜାଣି ଜିଲା ପ୍ରଶାସନ ନୀରବଦ୍ରଷ୍ଟା ପାଲଟିଛି ବୋଲି କଂଗ୍ରେସ ଦାବିପତ୍ରରେ ଅଭିଯୋଗ କରାଯିବା ସହ ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରାଯାଇଛି।

# ସୁପରକିଙ୍ଗ, ରାଇଜିଙ୍ଗ ଷ୍ଟାର ଦଳ ବିଜୟୀ

ରାଉରକେଲା, ୨୭।୧୨(ସଙ୍ଗୀତା ଜେନା)

**ଭିଏସ୍‌ସି ପ୍ରିମିୟର କ୍ରିକେଟ ଲିଗ୍**

କୋଏଲନଗର ସ୍ଥିତ ମିନି ଷ୍ଟାଡ଼ିୟମ୍‌ରେ ଚାଲିଥିବା ଭିଏସ୍‌ସି ପ୍ରିମିୟର କ୍ରିକେଟ ଲିଗ୍‌ର ବୁଧବାର ମ୍ୟାଚରେ ସୁପରକିଙ୍ଗ ଓ ରାଇଜିଙ୍ଗ ଷ୍ଟାର ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ ସୁପରକିଙ୍ଗ ଓ ଚ୍ୟାଲେଞ୍ଜର ଦଳ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ସୁପରକିଙ୍ଗ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସନରାଇଜର୍ସ ଓ ରାଇଜିଙ୍ଗ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଙ୍ଗ ଷ୍ଟାର ଦଳ ବିଜୟୀ ହୋଇଥିଲା। ସୋମବାର ପୂର୍ବାହ୍ନରେ ସାମାଜିକ ଅନୁଷ୍ଠାନ ଜ୍ଞାନଲୋକ ଏବଂ ଭିଏସ୍‌ସି ମିଳିତ ଆନୁକୂଲ୍ୟରେ ଭିଏସ୍‌ସି ପ୍ରିମିୟର କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚ ଭିଏସ୍‌ସି ସନରାଇଜର୍ସ ଓ ରାଇଜିଙ୍ଗ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



ଏଥିରେ ସନରାଇଜର୍ସ ବିଜୟୀ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ ଭିଏସ୍‌ସି ରାଇଜିଙ୍ଗ ଷ୍ଟାର ଓ ଭିଏସ୍‌ସି ଚ୍ୟାଲେଞ୍ଜର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଚ୍ୟାଲେଞ୍ଜର ବିଜୟୀ ହୋଇଥିଲା। ୮ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେଉଛି। ଗୁରୁବାର ଫାଇନାଲ ମ୍ୟାଚ୍ ହେବ। ୧୨ ଓଭର୍ ଲେଖାଏଁ ଖେଳ ହେଉଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ମନୋବୃତ୍ତି ନେଇ ଉତ୍ତମ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ମନୋଜ ଶତପଥୀଙ୍କ ସଂଯୋଜନା ତଥା ଜ୍ଞାନଲୋକ ଅନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ପ୍ରମୋଦ ରାଉତ, ରାଉରକେଲା ଅର୍ବାନ କୋପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ରବୀନ୍ଦ୍ର ମିଶ୍ର, ବିପ୍ରଚରଣ ବିଶ୍ୱାଳ, ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ଅଜିତ ଦାସଙ୍କ ତତ୍ତ୍ୱାବଧାନରେ ଟସ୍ କରାଯାଇଥିଲା। ସମ୍ପାଦକ ମନୋରଞ୍ଜନ କାଣ୍ଡୁଲିନା, ଲକ୍ଷ୍ମଣ ସିଂହ, ସୌଭାଗ୍ୟ ମଲ୍ଲିକ, ଶକୁନ୍ତଳା ବାରିକ, ବିନୟ ରାଉତ, ସୌରଭ ଗୁପ୍ତା ସମେତ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ନିଲମ୍ବିତ

ସଇଁତଲା,୨୭।୧୨(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଧୁମାପାଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କମଳାକାନ୍ତ ଭୋଇଙ୍କୁ ନିଲମ୍ବନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇଙ୍କ ସୂଚନା ଅନୁସାରେ ଶିକ୍ଷକ ଭୋଇ ବିଦ୍ୟାଳୟକୁ ନିୟମିତ ନ ଆସିବା, ଆସିଲେ ମଦ୍ୟପାନ କରି ଆସିବା ଏବଂ ବିଶୃଙ୍ଖଳିତ ଆଚରଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ। ବିଭାଗୀୟ ତଦନ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ଗାଁରେ ଖୋଲୁ ଅଙ୍ଗନୱାଡି କେନ୍ଦ୍ର

କଣ୍ଟାବାଞ୍ଜି, ୨୭।୧୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଈବାହାଲ ପଞ୍ଚାୟତର ସେମଲା ଗ୍ରାମର ଲାମିଥୁଟା। ଗ୍ରାମ ଲାମି ଏବଂ ଥୁଟା ଦୁଇ ପାହାଡର ପାଦଦେଶରେ ରହିଛି। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବାରୁ ଏହି ଗାଁରେ ବସ କରନ୍ତି ୩୦ ଆଦିବାସୀ ପରିବାର। ଗାଁରେ ବିଦ୍ୟୁତ୍, ପାଣି ବ୍ୟବସ୍ଥା ନାହିଁ। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଗାଁର ୨୦କୋମଳମତି ଶିଶୁ ନିଜ ବାସସ୍ଥାନଠାରୁ ୩ କିମି ଦୂର ସେମଲା କିମ୍ବା ମହୁଲବାହାଲି ଗ୍ରାମକୁ ଯାଇ ପ୍ରାକ୍ ଶିକ୍ଷା ନେଉଛନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ କୁଇବାହଲ ସରପଞ୍ଚ ବିଳାସ ପୁଟେଲ ଦାବି କରିଛନ୍ତି।

### ଅଖିଳ ଭାରତୀୟ ଆଦିବାସୀ ହଲବା ସମାଜର ସମାବେଶ

କୋକସରା,୨୭।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତୋମୁଣ୍ଡା ଗ୍ରାମଠାରେ ମଙ୍ଗଳବାର ଅଖିଳ ଭାରତୀୟ ଆଦିବାସୀ ହଲବା ସମାଜର ଇଷ୍ଟ ଦେବୀ ମା' ଦନ୍ତେଶ୍ୱରୀ ଦେବୀଙ୍କ ବାର୍ଷିକ ଶକ୍ତି ଦିବସ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମା' ଦନ୍ତେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଏକ ବିରାଟ ଶୋଭାଯାତ୍ରାରେ ଆଦିବାସୀ ସଂଘର ମହିଳା ପୁରୁଷମାନେ ପାରମ୍ପରିକ ବେଶଭୁଷାରେ ସଜ୍ଜିତ ହୋଇ ସଭାସ୍ଥଳରେ ପହଞ୍ଚିଥିଲେ। ବ୍ଲକ ଆଦିବାସୀ ସଂଘ ସଭାପତି ତଥା ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଆଦିବାସୀ ସଂଘ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ମାଝି, ସାଧାରଣ ସମ୍ପାଦକ ରତ୍ନରାଜ ମାଝି, ବ୍ଲକ ଆଦିବାସୀ ସଂଘ ସମ୍ପାଦକ ତ୍ରିନାଥ ଶବର, ଭତ୍ରା ସମାଜରୁ ଗରୁଡ଼ ଧଜ ମାଝି, ଗଣ୍ଡ ସମାଜରୁ କ୍ଷୀରସିନ୍ଧୁ ମାଝି, ବଞ୍ଜାରା ସମାଜ ବ୍ଲକ ସଭାପତି ଯଶୋବନ୍ତ ନାଏକ, କନ୍ଧ ସମାଜରୁ ହୃଦାନନ୍ଦ ମାଝି, ହଲବା ସମାଜ ସଭାପତି ସହଦେ ନେଗି, ପୂର୍ବତନ ସଭାପତି ଯୁଗେଶ୍ୱର ନେଗି, ଭୁଞ୍ଜିଆ ସମାଜ ସଭାପତି ଦ୍ରୋଣାଚାର୍ଯ୍ୟ ପୂଝାର ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ଲକର ସମସ୍ତ ବର୍ଗର ଆଦିବାସୀଙ୍କ ଆଜିର କାର୍ଯ୍ୟକ୍ରମରେ ଏକତ୍ରିତ ହୋଇ ଆଦିବାସୀ ଏକତା ଓ ଭାଇଚାରାର ନିଦର୍ଶନକୁ ଏକାଗ୍ରତା କରିଛନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ବିସ୍ଥାପିତ ନ କରି ଜମିପଟ୍ଟା ଦିଅ

ବଲାଙ୍ଗୀର,୨୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଜୀବନ ଜୀବିକା ନିର୍ବାହ ପାଇଁ ଅନେକ ଗରିବ ଲୋକ ଗାଁରୁ ସହରକୁ ଆସି ସରକାରୀ ଜମିରେ ଘର କରି ରହୁଛନ୍ତି। ସେମାନଙ୍କୁ ସରକାର ବିସ୍ଥାପିତ ନକରି ଜମି ପଟ୍ଟା ପ୍ରଦାନ କରନ୍ତୁ। ବିଶେଷକରି ବଲାଙ୍ଗୀର ସହରର ଇନ୍ଦିରାନଗର, ମହାରାଣୀସାଗର ଏବଂ ଲକ୍ଷ୍ମୀଯୋର ଉଭୟ ପାର୍ଶ୍ୱରେ ଘର କରି ରହୁଥିବା ଲୋକଙ୍କୁ ସରକାର ତୁରନ୍ତ ସବୁଦିନ ପାଇଁ ଜମିପଟ୍ଟା ପ୍ରଦାନ କରନ୍ତୁ ବୋଲି ବିଧାୟକ ନରସିଂହ ମିଶ୍ର ଦାବି କରିଛନ୍ତି।

ବଲାଙ୍ଗୀର ଜିଲା ଗ୍ରାମପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାନସଭା ନିର୍ବାଚନୀ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକରେ ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, କୌଣସି ପରିସ୍ଥିତିରେ ଲୋକଙ୍କୁ ଝୁଲାଇ ରଖା ନ ଯାଉ। ସୁପ୍ରିମକୋର୍ଟର ନିର୍ଦ୍ଦେଶ ଅନୁସାରେ ସମସ୍ତଙ୍କୁ ସେମାନେ ରହୁଥିବା ସ୍ଥାନରେ ସବୁଦିନ ଯେପରି ରହିବେ ସେଇ ବ୍ୟବସ୍ଥା କରାଯିବାକୁ ସେ ମ୍ୟୁନିସିପାଲିଟି ଇଓଙ୍କୁ କହିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ଯେଉଁ ଲ୍ୟାଣ୍ଡ ଗ୍ରାବିଂ ବିଲ ପେଶ୍ କରିଥିଲେ ସେଥିରେ ସରକାରୀ ଜମି ଜବରଦଖଲକାରୀଙ୍କୁ ୭ବର୍ଷ ଜେଲ ଓ ଜରିମାନା ବ୍ୟବସ୍ଥା କରାଯାଇଥିଲା। ସେହି ବିଲ୍‌କୁ ରାଜ୍ୟର ଜଣେମାତ୍ର ବିଧାୟକ ଭାବେ ସେ ନିଜେ ବିଧାନସଭାରେ ଏହାକୁ ବିରୋଧ କରି ଏଥିରୁ ଗରିବ ଓ ଭୂମିହୀନଙ୍କୁ ବାଦ୍ ଦେବାକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ପ୍ରଥମେ ସରକାର ମାନିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାକୁ ବାତିଲ କରି ମୂଳ ବିଲ୍ କାର୍ଯ୍ୟକାରୀ ପାଇଁ ରାଜ୍ୟପାଳଙ୍କ ପାଖକୁ ପଠାଇଥିଲେ। ଉକ୍ତ ବିଲ୍‌କୁ କାର୍ଯ୍ୟକାରୀ ନ କରିବାକୁ ସେ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ରାଜ୍ୟପାଳ ସେଇ ବିଲକୁ ମଞ୍ଜୁର କରି ନ ଥିଲେ ବୋଲି ବୈଠକରେ ଜଣାଇଥିଲେ।

ବିଧାୟକ ମିଶ୍ର ଲକ୍ଷ୍ମୀଯୋରର ଉଭୟ ପାର୍ଶ୍ୱରେ ବନ୍ୟା ପ୍ରତିରୋଧ ଉଚ୍ଚ ବାଡ ନିର୍ମାଣ କରି ସବୁଦିନ ପାଇଁ ସେଠାରେ ରହିବା ବ୍ୟବସ୍ଥା କରନ୍ତୁ ବୋଲି ସେ କହିଥିଲେ। ବୈଠକରେ ମହାରାଣୀ ସାଗରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଆସିଥିବା କେନ୍ଦ୍ରୀୟ ଅନୁଦାନକୁ ରାଜ୍ୟ ସରକାର ଚଞ୍ଚକତା କରି ମୋ ପୋଖରୀ ନାଁରେ ବାଟମାରଣା କରୁଥିବା ଆଲୋଚନା ହୋଇଥିଲା। ବିନା ଟେଣ୍ଡରରେ କିଭଳି କୋଟି କୋଟି ଟଙ୍କାର କାମକୁ ଭାଗ କରାଯାଇ ଏସ୍‌ଏସ୍‌ଜିମାନଙ୍କୁ ଦିଆଯାଉଛି ସେ ନେଇ ବିଧାୟକ ପ୍ରଶ୍ନ କରିଥିଲେ। ଇଓ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପୂର୍ତ୍ତ ବିଭାଗ ରାସ୍ତା ଠିକ୍ ସମୟରେ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ବଲାଙ୍ଗୀର ସଦର ବ୍ଲକରେ ଗୋଟିଏ ରାସ୍ତା ଉପରେ ତିନୋଟି ନାଁରେ ଅର୍ଥ ହଡପ କରାଯାଇଥିବା ନେଇ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲକ୍ଷ୍ମୀଯୋର ପୋଲିସ ଷ୍ଟେଶନକୁ ଚାଲୁ କରିବା, ଭୀମଭୋଇ ମେଡିକାଲ କଲେଜ ଏବଂ ଭୀମଡୁଙ୍ଗୁରିରେ ପୋଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ।

**ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସମୀକ୍ଷା ବୈଠକ**



ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୈଠକରେ ବିଧାୟକ ନରସିଂହ ମିଶ୍ର ସମୀକ୍ଷା କରୁଛନ୍ତି।

## ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ଲୋଇସିଂହା,୨୭।୧୨(ସୁଶାନ୍ତ ବାରିକ)

**୨ ପୃଥକ ସ୍ଥାନରେ ପାଳନକୁ ନେଇ ଚର୍ଚ୍ଚା**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଲୋଇସିଂହା ଅଗ୍ରସେନ ଭବନରେ ଦେବାରାଜ ଅମାତଙ୍କ ସଂଯୋଜନାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏଥିରେ ନବକିଶୋର ନାଏକ, ସହଦେବ ସା, ଭରତଭୂଷଣ ପଧାନ, ଦ୍ୱାରି ଭୋଇ, ସମ୍ପତି ନନ୍ଦ, ପ୍ରହ୍ଲାଦ ସୁନା, ଜଗବନ୍ଧୁ ପଧାନ, ଶାନ୍ତନୁ ହୋତା, ହୃଷୀକେଶ ଭୋଇ, ଭରତଭୂଷଣ ପଧାନ, ଧର୍ମେନ୍ଦ୍ର ତ୍ରିପାଠୀ, କୀର୍ତ୍ତନ ଥପା ମଞ୍ଚାସୀନ ହୋଇଥିଲେ। ଦଳ ପ୍ରତିଷ୍ଠାର ଆଭିମୁଖ୍ୟ ସମ୍ପର୍କରେ ନେତୃବୃନ୍ଦ କହିଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ୨୦୧୪ ମସିହାରୁ ଦଳୀୟ ସଙ୍ଗଠନ ନିମ୍ନଗାମୀ ହୋଇଥିବା ନେଇ ସେମାନେ ଏକ ନିର୍ଦ୍ଦିଷ୍ଟ ପରିବାରକୁ ଦାୟୀ କରି ସଭାରେ ବକ୍ତମାନେ କ୍ଷୋଭ ପ୍ରକାଶ କରିଥିଲେ। ୨୦୨୪ ନିର୍ବାଚନରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବାହାର ବ୍ୟକ୍ତିଙ୍କୁ ପ୍ରାର୍ଥୀ କଲେ ଦଳ ପାଇଁ ପରିଣାମ ଭୟଙ୍କର ହେବ ବୋଲି ପୁରୁଖା କର୍ମୀମାନେ ଚେତାବନୀ ଦେଇଥିଲେ। ବରିଷ୍ଠ କର୍ମୀ ହୃଷୀକେଶ ଭୋଇ ଏହା ପ୍ରତିଷ୍ଠା ଦିବସ ନୁହେଁ ପ୍ରତିବାଦ ଦିବସ ବୋଲି କହିଥିଲେ। ଏହି ଉପଲକ୍ଷେ ଲୋଇସିଂହାରୁ ସାଲେଭାଟ ଯାଏ ଏକ ବାଇକ ରାଲି କରି ଏକ ପ୍ରଚାରପତ୍ରିକା ବଣ୍ଟନ କରାଯାଇଥିଲା। ସେହିପରି ନିର୍ବାଚନ ମଣ୍ଡଳୀ ଅଧୀନ ପୁଇଁତଲା ବ୍ଲକ ଗଇଁତଲାରେ ପୁଇଁତଲା ବ୍ଲକ ସଭାପତି ବିଷ୍ଣୁ ପଟେଲଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏଠାରେ ରାଜ୍ୟ ପରଷଦ ସଭ୍ୟ ନିହାର ରଞ୍ଜନ ବେହେରା, ୫ ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ସଭାପତିଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ। ଦଳ କିପରି ସଶକ୍ତ ହେବ ଏବଂ ୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଲୋଇସିଂହା ବିଧାନ ସଭା କ୍ଷେତ୍ରରୁ କିପରି ବିଜୟୀ ହେବ ସେ ନେଇ କର୍ମୀମାନେ ସଙ୍କଳ୍ପ ନେଇଥିଲେ।

## ଖଇର ଗଣ୍ଡି ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ





ଜବତ କାଠ ବୋଝେଇ ପିକ୍‌ଅପ, ଗିରଫ ୨ ଅଭିଯୁକ୍ତ।

ଲୋଇସିଂହା,୨୭।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ବୁରୋମୁଣ୍ଡା-ତଲିଉଡାର ରାସ୍ତାରୁ ଖଇର ଗଣ୍ଡି ବୋଝେଇ ଏକ ୪୦୭ ପିକଅପ(ସିଜି ୦୫ ଡି ୦୮୦୪)କୁ ମଙ୍ଗଳବାର ରାତିରେ ବନ ବିଭାଗ ଜବତ କରିଛି। ଗାଡିରେ ଦେଢଟନ କାଠ ରହିଛି। ଜବତ କାଠର ଆନୁମାନିକ ମୂଲ୍ୟ ଏକଲକ୍ଷ ହେବ । କାଠ ଚୋରା ଚାଲାଣରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବରଗଡ ଜିଲା ସହେଲା ଥାନା ଅନ୍ତର୍ଗତ କୁଦାପାଲି ଗ୍ରାମର ଡ୍ରାଇଭର ସୁଦାମ କନ୍ଧ(୪୩), ସୋହେଲା ଥାନା ପଧାନପାଲି ଗ୍ରାମର ରମେଶ ନାଏକ(୨୮)। ସେମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହଜାତକୁ ପଠାଇ ଦିଆ ଯାଇଛି। ଏନେଇ ଏକ ମାମଲା ରୁଜୁ କରାଯାଇଛି ବୋଲି ରେଞ୍ଜ ଅଫିସର ପାଉଲ ହରପାଲ କହିଛନ୍ତି। ସୂଚନା ଅନୁଯାୟୀ, ବୁରୋମୁଣ୍ଡା-ତଲିଉଡାର ରାସ୍ତାରେ ମଙ୍ଗଳବାର ରାତିରେ ବନ କର୍ମଚାରୀ ଓ ପାରା ସ୍କ୍ୱାଡ କର୍ମଚାରୀ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଉକ୍ତ ପିକ୍‌ଅପ୍‌କୁ ସନ୍ଦେହ କରି ଅଟକାଇଥିଲେ। ଗାଡିରେ ବହୁ ପରିମାଣର ଖଇର କାଠ ବୋଝେଇ ହୋଇଥିବା ବନ କର୍ମଚାରୀ ଜାଣିବାକୁ ପାଇଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆବଶ୍ୟକ କାଗଜାତ ଦେଖାଇବାକୁ କହିଥିଲେ। ହେଲେ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ କାଠ ବୋଝେଇ ପିକଅପକୁ ଜବତ କରି ରେଞ୍ଜ ଅଫିସ ନିଆଯାଇଥିଲା। ଚାଲାଣକାରୀଙ୍କୁ ପଚରାଉଚରା ପରେ ବୁରୋମୁଣ୍ଡାରୁ ବରଗଡ ଜିଲା ସହେଲାକୁ ଏହି ଖଇର କାଠ ଚୋରା ଚାଲାଣ ହେଉଥିବା ବନ କର୍ମଚାରୀ ଜାଣିବାକୁ ପାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୨୧ରେ ଉକ୍ତ ରାସ୍ତାରୁ ଖଇର କାଠ ବୋଝେଇ ହୋଇଥିବା ପିକଅପ ଜବତ ହୋଇଥିଲା। ହେଲେ ସେତେବେଳେ କାହାରିକୁ ଗିରଫ କରାଯାଇ ପାରି ନ ଥିଲା। ଚାଲାଣକାରୀ ଫେରାର ହୋଇଥିବା ନେଇ ବନ ବିଭାଗ ପକ୍ଷରୁ କୁହାଯାଇଥିଲା।

## ପାଇପ ଫାଟି ରାସ୍ତାରେ ବୋହୁଛି ପାଣି

ଲାଠୋର,୨୭।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳଯୋଗାଣ ପ୍ରକଳ୍ପ-୧ରେ ପାଇପ ଫାଟି ପାଣି ବୋହିଯାଉଛି। ଦୁର୍ଗେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ନିକଟ ମୁଖ୍ୟରାସ୍ତାରେ ପାଇପ ଫାଟି ପାଣି ଭାସୁଥିଲେ ହେଁ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳତଃ ଜଳଯୋଗାଣ ବନ୍ଦ ହେଲା ମାତ୍ରେ ପାଇପ ଭିତରକୁ ମଇଳା ଆବର୍ଜନା ପଶୁଛି। ଫଳରେ ପରବର୍ତ୍ତୀ ସମୟରେ ଯୋଗାଣ ବେଳକୁ ଦୂଷିତ ଜଳ ପ୍ରବାହିତ ହେଉଛି। ଏନେଇ ପମ୍ପ ଡ୍ରାଇଭର ସୁଧିର ଶାଣ୍ଢଙ୍କୁ ପଚାରିବାରେ ମୁଖ୍ୟରାସ୍ତା କଡ଼ରୁ ଜଣେ ବ୍ୟକ୍ତି ନିଜ ଘରକୁ ଜଳଯୋଗାଣ ପାଇପ ନେଇଛନ୍ତି। ତାଙ୍କର ଭୁଲ ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

## ସ୍କୁଲ ସମୟ ସ୍ମୃତି ବଖାଣିଲେ



ବନ୍ଧୁମିଳନରେ ଉପସ୍ଥିତ ପୃଥ୍ୱୀରାଜ ହାଇସ୍କୁଲ ୧୯୭୬ ମାଟ୍ରିକ୍ ବ୍ୟାଚ ପିଲାମାନେ।

ବଲାଙ୍ଗୀର,୨୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ପୃଥ୍ୱୀରାଜ ହାଇସ୍କୁଲ ୧୯୭୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ**

ବଲାଙ୍ଗୀର କଦଳୀମୁଣ୍ଡା ନର୍ସରୀରେ ପୃଥ୍ୱୀରାଜ ହାଇସ୍କୁଲ ୧୯୭୬ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ପ୍ରଫେସର ତରୁଣ କୁମାର ମିଶ୍ର ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଦିବଙ୍ଗତ ବନ୍ଧୁମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବଜେଟ ଉପସ୍ଥାପନ ହୋଇ ଆଗାମୀ ୨୦୨୬ରେ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ କୋର କମିଟି ଗଠନ କରାଯାଇଥିଲା। ଏଥିରେ ଓମ୍ ପ୍ରକାଶ ଚାନ୍ଦ, ଶତ୍ରୁଘ୍ନ ପାଣିଗ୍ରାହୀ, ବୀରେନ ମିଶ୍ର, ତରୁଣ ମିଶ୍ର, ଆଲୋକ ହୋତା, ମୋତିଲାଲ ସାହୁ, ପ୍ରସନ୍ନ ମିଶ୍ର, କମଳ ଚକ୍ରବର୍ତ୍ତି, ନାରାୟଣ ପାତ୍ର, ରମେଶ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା । ସ୍ମରଣିକା ପ୍ରକାଶନ ପାଇଁ ରୁଦ୍ରଦେବ ପ୍ରଧାନ, ପ୍ରବୀଣ ବଢ଼ିଆ, ମୋତିଲାଲ ସାହୁ, ତରୁଣ ମିଶ୍ର, ଆଲୋକ ହୋତା, ପ୍ରେମଚାନ୍ଦ ମହାନ୍ତି, ପ୍ରୀତି ରଞ୍ଜନ ମିଶ୍ର, ନବୀନ ପଶାୟତ, ପ୍ରସନ୍ନ ମିଶ୍ର, ଅଶ୍ୱିନୀ ଦାଶଙ୍କୁ ମନୋନୀତ କରାଯାଇଥିଲା। ବ୍ୟାଙ୍କରେ ଏକ ଖାତା ଖୋଲିବା ପାଇଁ ପ୍ରଦ୍ୟୁମ୍ନ ପୁରୋହିତ ଓ ନରେନ୍ଦ୍ର କବାଟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ରାମକୃଷ୍ଣ ସାଏଙ୍କ ମାଉଥ ଅର୍ଗାନ ଓ ପ୍ରେମଚାନ୍ଦ ମହାନ୍ତି, ରାମ ମିଶ୍ର, ସୁରେଶ ସାହୁ, ପ୍ରଫୁଲ୍ଲ ପଟେଲଙ୍କ ଗୀତରେ ସମସ୍ତେ ବିମୋହିତ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନାରାୟଣ ପାତ୍ର, ଦେବେନ୍ଦ୍ର ସାହୁ, ଗୋପାଳ କର ପରିଚାଳନା କରିଥିଲେ।

## ଭାଲୁବୁଢା ଫୁଟବଲ: ମୁରସିଂ, ବଡଙ୍ଗୋମୁଣ୍ଡା ବିଜୟୀ

ଗୁଡଭେଲା,୨୭।୧୨(ମନୋଜ କୁମାର ଜୈନ)

ଭାଲୁବୁଢା ଫୁଟବଲ କ୍ଲବ ପକ୍ଷରୁ ବୁଧବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ବଡଙ୍ଗୋମୁଣ୍ଡା ଖେଳପଡିଆରେ ୪ର୍ଥ ଭାଲୁବୁଢା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୁଧିର ରଞ୍ଜନ ହୋତା ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ତୁଷୁରା ଓ ମୁରସିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ମୁରସିଂ ବିଜୟୀ ହୋଇଥିଲା। ୨ୟ ମ୍ୟାଚ ବଡଙ୍ଗୋମୁଣ୍ଡା ଓ ଘୁଚିପାଲି ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ବଡଙ୍ଗୋମୁଣ୍ଡା ବିଜୟୀ ହୋଇଥିଲେ। ପୋଲିସ କର୍ମଚାରୀ ମୀନକେତନ ଭୋଇ ଓ ଅବସରପ୍ରାପ୍ତ ଅବକାରୀ କର୍ମଚାରୀ ସୁବିନ୍ଦା ନାଗ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରମୋଦ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

## ଆନନ୍ଦମୟ, ସର୍ଜନାତ୍ମକ ଶିକ୍ଷଣ ଶିକ୍ଷକ କର୍ମଶାଳା

ବେଲପଡା,୨୭।୧୨(ମନୋଜ କୁମାର ମିଶ୍ର)

ୱାଇସିଡ଼ିଏ ବେଲପଡା ଆୟୋଜନ ତଥା ଏସକେଏନ ନେଦରଲାଣ୍ଡ ସହାୟତାରେ ଚାଲିଥିବା ଟୁ ଫିଟ ଖ୍ରୀସ ଟୁଗେଦର ପ୍ରକଳ୍ପ ତରଫରୁ ଶିକ୍ଷକ କର୍ମଶାଳା ଡୁଙ୍ଗୁରିପାଲିଠାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଡ଼. ଗୋବର୍ଦ୍ଧନ ନାଏକ ତାଲିମଦାତାଭାବେ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଆନନ୍ଦପ୍ରଦ ଓ ସର୍ଜନାତ୍ମକ ଶିକ୍ଷଣର ଆବଶ୍ୟକତା ଉପରେ କହିଥିଲେ। ନୂତନ ଶିକ୍ଷାନୀତିରେ ଥିବା ଏହି ବିଷୟକୁ ଗୁରୁତ୍ୱ ଦିଆଯାଇଛି ଏବଂ ଆମକୁ ନୂତନ ଉପାୟରେ ଶିଶୁଙ୍କୁ ପାଠ ପଢ଼ାଇବାକୁ ହେବ ବୋଲି କୁହାଯାଇଥିଲା। ଟୁ ଫିଟ ଆହେଡ ଟୁଗେଦର କାର୍ଯ୍ୟକ୍ରମରେ ବିଗତ ଏକବର୍ଷରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବ୍ଲକ ସଂଯୋଜକ ଯୋଗେଶ୍ୱର ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମକୁ ୱାଇସିଡ଼ିଏ ବେଲପଡାର ଯୋଗେଶର ପ୍ରଧାନ ପରିଚାଳନା କରିଥିଲେ।

## ଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିକ୍ଷୋଭ

ନୂଆପଡ଼ା,୨୭।୧୨(ମକାରୁ ବେମାଲ)

ଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରୁଥିବା କାମିୟା ଜାନି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୋ ମାଂସ ଖାଇବା ପାଇଁ ପ୍ରଚାର କରୁଥିବା ଲୋକଙ୍କୁ ଶ୍ରୀମନ୍ଦିର ପ୍ରବେଶ କରାଇଥିବା ବ୍ୟକ୍ତିଙ୍କ ଉପରେ କଠୋର ଦଣ୍ଡ ଦିଆଯିବା ଦାବି କରି ମଙ୍ଗଳବାର ସ୍ଥାନୀୟ ଏକତା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ଆବାହକ ଶିବାଜୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଆଦିବାସୀ କଲ୍ୟାଣ ସଂଘ ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ଓଜସ୍ୱନୀ ସୁନାନୀ, ଚତୁର୍ଭୁଜ ଶର୍ମା, ସୁଶାନ୍ତ କୁମାର ପତି ଓ ଶତାଧିକ ଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ସଂସ୍କୃତି ନଷ୍ଟ କରୁଥିବା ଓ ଶ୍ରୀମନ୍ଦିର ପ୍ରବେଶ କରାଇଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦିଆଯାଇଛି।

## ମାନବତାର ସେବା ହିଁ ଜୀବନର ଉପଲବ୍ଧି

ବଲାଙ୍ଗୀର,୨୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମିଶନ ପରିସରରେ ପବିତ୍ର ବଡଦିନରେ ସ୍ୱତନ୍ତ୍ର ଉପାସନା କରାଯାଇଥିଲା। ଅପରାହ୍ଣ ୩ଟାରୁ ସ୍ୱତନ୍ତ୍ର ଉପାସନା ଆରମ୍ଭ ହୋଇଥିଲା। ସ୍ୱତନ୍ତ୍ର ଉପାସନା ପାଇଁ ଖରିଆରର ଆଚାର୍ଯ୍ୟ ଶୈଳେନ୍ଦ୍ର ନନ୍ଦ, ସେଣ୍ଟ୍ରାଲ ଚର୍ଚ୍ଚ ସଭାପତି ଇମାନୁଏଲ ଦାନୀ, ବୁଦ୍ଧଦେବ ଛତ୍ରିଆ, ସୁନୀଲ ନନ୍ଦ, ରିଜୁ ଦୀପ, କୋଷାଧ୍ୟକ୍ଷ ଉପେନ୍ଦ୍ର ସାହୁ, ସମ୍ପାଦକ ଆଲେକଜାଣ୍ଡର ବାଗ ମଞ୍ଚାସୀନ ଥିଲେ। ଏହି ଅବସରରେ ବଡଦିନର ମହାତ୍ମ୍ୟ, ପ୍ରଭୁ ଯୀଶୁଙ୍କ ଜନ୍ମ ବୃତ୍ତାନ୍ତ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସମଗ୍ର ବିଶ୍ୱକୁ ଭଲ ପାଇବା ଓ ମାନବ କଲ୍ୟାଣରେ ଜୀବନ ଅତିବାହିତ କରିବା ଦିଗରେ ଖ୍ରୀଷ୍ଟଙ୍କ ପ୍ରଦର୍ଶିତ ମାର୍ଗ କିଭଳି ବାଟ କଢ଼ାଏ କୁହାଯାଇଥିଲା। ସଭାରେ ବିଶ୍ୱ ଶାନ୍ତି ଓ ସମସ୍ତ ଧର୍ମାବଲମ୍ବୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା। ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚ କମିଟି ସଭାପତି ପାଳକ ଇମାନୁଏଲ ଦାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଚ୍ଚିଦାନନ୍ଦ ହନୁମାନ, ଜୋନ୍ ତାଣ୍ଡି, ପ୍ରଫେସର ଦାଉଦ ସାଗର, ନରେଶ ମାଥ୍ୟୁସ, ଶୈଳେନ୍ଦ୍ର ପାଲ, ଜ୍ୟୋତିରଞ୍ଜନ ନାଗ, ଅଜିତ ପାଲ, ଅମୀୟ ଜ୍ୟୋତିଷ ଛତ୍ରିଆ ଉପସ୍ଥିତ ଥିଲେ।




ବଲାଙ୍ଗୀର ମିଶନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ମୁରିବାହାଲରେ ପୁରୀ-ଦୁର୍ଗ ଏକ୍ସପ୍ରେସ୍ ରହଣି ଦାବି

ମୁରିବାହାଲ,୨୭।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ରେଳ ଷ୍ଟେଶନରେ କୋଭିଡ଼ ପରେ ପୁରୀ-ଦୁର୍ଗ ଓ କ୍ରୋବା-ବିଶାଖାପାଟଣା ଲିଙ୍କ ଏକ୍ସପ୍ରେସ ରହଣି ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏବେ ସ୍ଥିତି ସୁଧୁରି ଥିବାରୁ ପୁଣିଥରେ ଏହି ଦୁଇ ଟ୍ରେନ ମୁରିବାହାଲ ଷ୍ଟେଶନରେ ରହଣି ଦାବି କରିଛି ମୁରିବାହାଲ ରେଳ ଅଧିକାର ମଞ୍ଚ। ମଞ୍ଚ ପକ୍ଷରୁ ମଙ୍ଗଳବାର ସମ୍ବଲପୁର ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଷ୍ଟେଶନ ମ୍ୟାନେଜର ରଞ୍ଜନ କୁମାର ଜେନାଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ୧୯୩୦ମସିହାରେ ସ୍ଥାପିତ ଏହି ଷ୍ଟେଶନ ଉପରେ ମୁରିବାହାଲ ସମେତ ବଙ୍ଗୋମୁଣ୍ଡା ଓ ତୁରେକେଲା ବ୍ଲକ ଅଞ୍ଚଳର ଯାତ୍ରୀ ନିର୍ଭର କରିଥାନ୍ତି। ହେଲେ ଏକ୍ସପ୍ରେସ ଟ୍ରେନ ବନ୍ଦ ରହିଥିବାରୁ ଲୋକେ ହଇରାଣ ହେଉଛନ୍ତି। ମଞ୍ଚ କର୍ମକର୍ତ୍ତା କହିଛନ୍ତି ବହୁଦିନର ଦାବି ପରେ ୨୦୧୯ ଫେବୃୟାରୀ ୧୪ରେ ପୁରୀ-ଦୁର୍ଗ ଏକ୍ସପ୍ରେସ ମୁରିବାହାଲ ଷ୍ଟେଶନରେ ପ୍ରଥମେ ରହଣି ଆରମ୍ଭ କରିଥିଲା। ୨୦୨୦ମାର୍ଚ୍ଚ ମାସରୁ କୋଭିଡ କଟକଣା ଲାଗୁ ଯୋଗୁ ଟ୍ରେନ ରହଣି ବନ୍ଦ ହୋଇ ଯାଇଛି। ଫଳରେ ଏହି ଅଞ୍ଚଳର ଲୋକଙ୍କୁ ଏହି ଟ୍ରେନରେ ଯିବା ପାଇଁ ଟିଟିଲାଗଡ଼ କିମ୍ବା କଣ୍ଟାବାଞ୍ଜି ୨୫କିମି ଯିବାକୁ ପଡୁଛି। ଏ ନେଇ ରେଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀ ଦାବି କରା ଆସିଥିଲେ ମଧ୍ୟ ରେଳ ବିଭାଗ ଦୃଷ୍ଟି ଦେଉନାହିଁ। ଏହି ଦାବିପତ୍ରର ଏକକିତା ନକଲ ବଲାଙ୍ଗୀର ଲୋକ ସଭା ସଦସ୍ୟ, କେନ୍ଦ୍ର ରେଳମନ୍ତ୍ରୀ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ୧୫ଦିନ ମଧ୍ୟରେ ଦୁଇ ଏକ୍ସପ୍ରେସ ଟ୍ରେନ ମୁରିବାହାଲ ଷ୍ଟେଶନରେ ରହଣି ନକଲେ ରେଳ ଅଧିକାର ମଞ୍ଚ ରେଳରୋକୋ କରିବାକୁ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ କାର୍ଯ୍ୟକାରୀ ସଭାପତି ଶ୍ରୀବତ୍ସ ବେହେରା, ଉପସଭାପତି ଗଙ୍ଗାଧର ହେର୍ଣ୍ଣା, ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର, ଭରତ ଦାସ, ସମ୍ପାଦକ ପଦ୍ମଲୋଚନ ବାଗ, ପ୍ରଦୀପ ବଘାର, ନେପାଳ ସାହୁ, ସୁଜିତ ପାଢ଼ୀ, ନାରାୟଣ ସାହୁ, ଅନୀଲ ଶର୍ମା, ମନୋଜ କୁମାର ନାଗ, ଲିଳାଧର ଶର୍ମା, ଦୁର୍ଯ୍ୟୋଧନ ନାଗ, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

- ଡିଆର୍‌ଏମ୍‌ଙ୍କୁ ରେଳ ଅଧିକାର ମଞ୍ଚର ଦାବିପତ୍ର
- ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରେଳରୋକୋ



ଷ୍ଟେଶନ ମ୍ୟାନେଜର ରଞ୍ଜନ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ତଲାକଟା ଗ୍ରାମରେ ୨୦୧୯ ଜୁଲାଇ ୩୦ରେ ଘଟିଥିବା ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ବରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ସଂଘମିତ୍ରା ଶର୍ମା ଅଭିଯୁକ୍ତ ଫକୀର ଲାକ୍ରାଙ୍କୁ ଆଜୀବନ କାରାଦଣ୍ଡ ଏବଂ ୧୦ହଜାର ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ହେଲେ ଆଉ ଅଧିକ ଏକବର୍ଷ କାରାଦଣ୍ଡ ବୃଦ୍ଧି ପାଇଁ ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଘଟଣାଦିନ ତଲାକଟା ଗ୍ରାମର କୁତୁରୁ ଲାକ୍ରାଙ୍କ ୨ପୁଅ ଫକୀର ଏବଂ କଟି ଆମଝରନ ଗ୍ରାମକୁ ଯାଇଥିଲେ। ସେଠାରୁ ଘରକୁ କିଛି ଛେଳିମାଂସ ଆଣିଥିଲେ। ଘରେ ସେହି ଛେଳିମାଂସ ଭାଗବଣ୍ଟାକୁ ନେଇ ଉଭୟ ଭାଇଙ୍କ ମଧ୍ୟରେ କଳିଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଫକୀର ଏକ କଟୁରୀରେ ସାନଭାଇ କଟିଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ କଟିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ମୃତ କଟିଙ୍କ ସ୍ତ୍ରୀ ଚନ୍ଦ୍ରା ଅତାବିରା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୧୫୮/୨୦୧୯) ରୁଜୁ କରିଥିଲା। ୧୩ଜଣଙ୍କ ସାକ୍ଷ୍ୟ ଏବଂ ଅନ୍ୟାନ୍ୟ ପ୍ରମାଣକୁ ଆଧାରକରି କୋର୍ଟ ଅଭିଯୁକ୍ତ ଫକୀରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁଏପିପି ମନୋଜ କୁମାର ଏକ୍କା ଉକ୍ତ ମାମଲା ପରିଚାଳନା କରୁଥିଲେ।

### ବିଜେଡି ପ୍ରତିଷ୍ଠା ଦିବସ ପାଳିତ

**ଉଲୁଣ୍ଡା,୨୭।୧୨(ଉରୁକ୍ରମ ପାଣ୍ଡିଆ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ଉଲୁଣ୍ଡାସ୍ଥିତ କଲେଜ ଖେଳପଡିଆଠାରେ ମଙ୍ଗଳବାର ଦିନ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ଉଲୁଣ୍ଡା ହାଟପଦା ରୁ ବାହାରି ସ୍ଥାନୀୟ ଖେଳପଡିଆ ପର୍ଯ୍ୟନ୍ତ ଯାଇଥିଲେ । ପ୍ରଥମେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ସମେତ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଜିଲା ପରିଷଦ ଅଧ୍ୟକ୍ଷା ଝସକେତନ ବାଘାର, ଉଲୁଣ୍ଡା ଜୋନ -୧ ଜିଲା ପରିଷଦ ସଭ୍ୟା ବିଜୟ ଲକ୍ଷ୍ମୀ ତରାଇ, ବୀରମହାରାଜପୁର ଜୋନ -୨ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବିନିକା ଏନ ଏ ସି ଅଧ୍ୟକ୍ଷ ସୁବାସ ଭୋଇ, ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍ତର କୁମାର ପାତ୍ର, ଜିଲା ବିଜେଡି ସଭାନେତ୍ରୀ ପଦ୍ମିନୀ ବଘାର,ବିନିକା ଏନଏସି ବିଜେଡି ସଭାପତି ସୋମନାଥ ମିଶ୍ର, ବିନିକା ଜୋନ -୨ ଜିଲା ପରିଷଦ ବଶିଷ୍ଠ ଭରସାଗର, ବିନିକା ମହିଳା ବିଜେଡି ସଭାନେତ୍ରୀ ଲକ୍ଷ୍ମୀ ମେହେର ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଜିଲା ବିଜେଡି ଉପସଭାପତି କିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ହୋଇଥିଲା।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ)**

ଅଣଜଳସେଚିତ ଜମିରେ ପାଣି ମଡ଼ାଇବା ପାଇଁ ରାଜ୍ୟ ସରକାର ଗଭୀର ନଳକୂପ ଖନନ ଯୋଜନା ହାତକୁ ନେଇଛନ୍ତି। ମାତ୍ର ସରକାରଙ୍କ ଏହି ଯୋଜନା ବାଟବଣା ହୋଇ ପଡ଼ିଛି। ଅଗ୍ରୀମ ଦେୟ ଜମା କରିବାର ଦୀର୍ଘଦିନ ପରେ କେଉଁଠି ଗଭୀର ନଳକୂପ ଖନନ କରାଯାଇ ନାହିଁ ତ ଆଉ କେଉଁଠାରେ ଗଭୀର ନଳକୂପ ଖନନ ହୋଇଥିଲେ ସେଠାକୁ ବର୍ଷବର୍ଷ ଧରି ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ। ଏହାକୁ ନେଇ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ଲକ୍ଷ୍ୟଚ୍ୟୁତ ହୋଇପଡ଼ି ଥିବାବେଳେ ଚାଷୀମହଲରେ ମଧ୍ୟ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏହି କ୍ରମରେ ମଙ୍ଗଳବାର ବିଜେପୁର ବ୍ଲକ ଲାଉମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ



ଗଭୀର ନଳକୂପକୁ ବିଦ୍ୟୁତ ସଂଯୋଗ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ଚେରଙ୍ଗାମୁଣ୍ଡା ଗ୍ରାମର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କ ଜମିରେ ଖୋଳାଯାଇଥିବା ଗଭୀର ନଳକୂପରେ ବିଦ୍ୟୁତ ସଂଯୋଗ କରିବାକୁ ସେମାନେ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଆହୁରି ଉଲ୍ଲେଖ କରିଛନ୍ତି, ଅଣଜଳସେଚିତ ଜମିକୁ ପାଣି ମଡ଼ାଇ ଚାଷବାସ କରିବା ଲକ୍ଷ୍ୟ ନେଇ ସେମାନେ ଗଭୀର ନଳକୂପ ଖନନ କରିଥିଲେ। ତେବେ ଗଭୀର ନଳକୂପ ଖନନର ଦୀର୍ଘବର୍ଷ ପରେ ବିଦ୍ୟୁତ ସଂଯୋଗ ହୋଇ ପାରି ନ ଥିବା ଯୋଗୁ ତାହା ଅଚଳ ହୋଇ ପଡ଼ିଛି।

**ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ନାହିଁ**

ଏ ନେଇ ବିଦ୍ୟୁତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଚାଷବାସ କରି ପାରୁ ନ ଥିବା ଯୋଗୁ ସେମାନଙ୍କ ପରିବାର ପୋଷଣ କଷ୍ଟସାଧ୍ୟ ହୋଇ ପଡ଼ୁଥିବା ଚାଷୀମାନେ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେଇ ଖୋଳାଯାଇଥିବା ଗଭୀର ନଳକୂପଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସୁଦାମ ସାହୁ, କାର୍ତ୍ତିକ ସାହୁ, ବୃନ୍ଦାବନ ସାହୁ, କୃଷ୍ଣ ସାହୁ ପ୍ରମୁଖ ଚାଷୀମାନେ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନର ମାଧ୍ୟମ ନୂଆ ଓଡିଶା

**ସୋନପୁର,୨୭।୧୨(ମୃତ୍ୟୁଞ୍ଜୟ ଶତପଥୀ)**

କଲେଜ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନର ମାଧ୍ୟମ ପାଲଟିଛି ନୂଆ ଓଡିଶା । ଏହା ରାଜ୍ୟ ସରକାରଙ୍କ ଏକ ଭଲ ପଦକ୍ଷେପ । ପୂର୍ବରୁ ଛାତ୍ରୀଛାତ୍ରମାନେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ପାଉ ନ ଥିଲେ । ବଣର ମଲ୍ଲୀ ବଣରେ ଫୁଟି ମଉଳି ଯାଉଥିଲା । ଏବେ ନୂଆ ଓଡିଶା ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ବୀରମହାରାଜପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ନୂଆ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କଲେଜର ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ପରିଚାଳନା ସମିତି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

## କଂସ ବଧ ସହ ଚିଚିଣ୍ଡା ଧନୁଯାତ୍ରା ଉଦ୍‌ଯାପିତ



ଚିଚିଣ୍ଡା ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ମୂହୂର୍ତ୍ତ।

**ଭେଡେନ, ୨୭।୧୨(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମରେ ୧୦ ଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଶେଷ ସନ୍ଧ୍ୟାରେ ଅକ୍ରୁର ସାଥିରେ କୃଷ୍ଣ ବଳରାମଙ୍କ ମଥୁରାରେ ଦର୍ଶନ, ମଥୁରା ଭ୍ରମଣ, ଘରେ ଘରେ ପୂଜାର୍ଚ୍ଚନା, କୃଷ୍ଣ ବଳରାମଙ୍କ ରୂପ ଦର୍ଶନ କରି ମଥୁରାବାସୀ ବିମୋହିତ, କୃଷ୍ଣ ବଳରାମଙ୍କ ହାତେ କୁବୁଜା ଉଦ୍ଧାର, କଂସ ରାଜବାଟିରେ ପ୍ରବେଶ, ପରେ କୁବଳୟା ହସ୍ତୀ ଓ ମାହୁନ୍ତକୁ ନିହତ, ଶିବ ଧନୁ ଭଙ୍ଗ, ତୃତୀୟ ଦ୍ୱାରରେ ସେନାପତି ଚାଣୁର ଓ ମୁଷ୍ଟିକ ବଧ, ମହାମନ୍ତ୍ରୀ ସଂକ୍ରାଜିତ କୃଷ୍ଣ ପାଦେ ଶରଣାଗତ, କୃଷ୍ଣ ବଳରାମ ହାତେ କଂସ ବଧ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ମହାରାଜ କଂସ ଭୂମିକାରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ଭୁବନେଶ୍ୱର ପଧାନ ଅଭିନୟ କରିଥିଲେ। କୃଷ୍ଣ ଭୂମିକାରେ ବୁର୍ଦ୍ଦା ଗ୍ରାମର ଅଂଶୁ ପଣ୍ଡା ଓ ବଳରାମ ଭୂମିକାରେ ପ୍ରିନ୍ସ ପଣ୍ଡା ଅଭିନୟ କରିଥିଲେ। ରବୀନ୍ଦ୍ର ଭୋଇ, ଜଗନ୍ନାଥ ସାହୁ, ଜଗବନ୍ଧୁ ମହାଲିଙ୍ଗ, ଅନୀଲ ପଟେଲ, ଅଶ୍ୱିନୀ ଡ଼ନସନା, ସଦା ଭୁଏ, ହରିହର ଭୁଏ, କିଶୋର ଡ଼ନସନା, ସସ୍ମିତା ଭୁଏ ପ୍ରମୁଖ ଅନ୍ୟ ଭୂମିକାରେ ସହଯୋଗ କରିଥିଲେ। ସେହିପରି ଗୋପପୁରରେ ଯଶୋବନ୍ତ ଦୀପଙ୍କ ପରିଚାଳନାରେ ଟେକା ଦୀପ, ମାନିନୀ ସେଟ, ଦିବ୍ୟା ମାଝି, ଡୋଲି ଦୀପ, ସୁମନ ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଅତିଥି ଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ମନ୍ତ୍ରୀ ରିତା ସାହୁ ଯୋଗଦାନ କରିଥିଲେ।

### ନୃସିଂହନାଥରେ ଦୋକାନ ଗୃହ ବଣ୍ଟନ କମିଟି ଗଠନ

**ପାଇକମାଲ, ୨୭।୧୨(ବଡ ଶତପଥୀ)**

ବରଗଡ ଜିଲା ନୃସିଂହନାଥ ମନ୍ଦିର ପରିସରରେ ଥିବା ଭୋଗ ମଣ୍ଡପରେ ମନ୍ଦିର ଟ୍ରଷ୍ଟି ତଥା ପାଇକମାଲ ବିଡିଓ ପ୍ରଫୁଲ କୁମାର ଓଦୁଙ୍କ ସଭାପତିତ୍ୱରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ତହସିଲଦାର ସିନ୍ଧୁସୂତା ପାତ୍ର, ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡାଇ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରି ନୃସିଂହନାଥ ବଜାର ପରିସରରେ ନୂତନ ଦୋକାନ ଗୃହ କିପରି ବଣ୍ଟନ କରାଯିବ ସେ ବିଷୟରେ ଆଲୋଚନ ପ୍ରସ୍ତାବ ରଖିଥିଲେ। ଏନେଇ ଏକ ୨୫ ଜଣିଆ କମିଟି ଗଠନ କରାଯାଇଥିଲା। କମିଟିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ବୁଦ୍ଧିଜୀବୀମାନଙ୍କୁ ରଖାଯାଇଥିଲା। ପରବର୍ତ୍ତୀ ବୈଠକ କମିଟି ସଦସ୍ୟ ମାନଙ୍କୁ ନେଇ ନୂତନ ଦୋକାନ ଗୃହ ବଣ୍ଟନ କରାଯିବା ପାଇଁ ପ୍ରସ୍ତାବ ନିଆଯାଇଥିଲା।

## କପିଳମୁନି ଆଶ୍ରମର ବାର୍ଷିକୋତ୍ସବ

**ପାଇକମାଲ, ୨୭।୧୨(ବଡ ଶତପଥୀ)**

ବରଗଡ ଜିଲା ନୃସିଂହନାଥସ୍ଥିତ କପିଳମୁନି ଆଶ୍ରମର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କପିଳମୁନୀ ଆଶ୍ରମ ସହ ଜଡିତ ଥିବା ବଲାଙ୍ଗୀର, ଖପ୍ରାଖୋଲ, ନୂଆପଡା ଅଞ୍ଚଳରୁ ଶତାଧିକ ଗନ୍ଧମାର୍ଦ୍ଦନ ପ୍ରେମୀ ଯୋଗଦାନ କରିଥିଲେ। ଆଶ୍ରମ ପ୍ରତିଷ୍ଠାତା ତଥା ଗନ୍ଧମାର୍ଦ୍ଦନ ଆନ୍ଦୋଳନର ପୁରୋଧା ସ୍ୱାମୀ ସୋମବେଶ ମଣିଷକୁ ଶାନ୍ତି ପାଇବାକୁ ହେଲେ ହୋମ, ଯଜ୍ଞ ଓ ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବୈଦିକ ଯଜ୍ଞର ଆୟୋଜନ କରାଯାଇଥିଲା। ରାଜେନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ କାଞ୍ଚନ ସାହୁ ଯଜ୍ଞ କର୍ତ୍ତା ହୋଇଥିଲେ। ହୋମଯଜ୍ଞକୁ ପ୍ରିୟବ୍ରତ ଆର୍ଯ୍ୟ ସଞ୍ଚାଳନ କରିଥିଲେ। ରାଜକୁମାର ସେଠ, ଗୋବିନ୍ଦ ପଟେଲ, ମାର୍କଣ୍ଡ ବାବା, ଲୋକନାଥ ରାଉତ, ରାହାସ ପାଣିଗ୍ରାହୀ, ସନ୍ତୋଷ ବେହେରା, ଡାଏମଣ୍ଡ ଭୋଏ, ବିକ୍ରମ ସରାଫ, ହରି ବରିହା, ରଘୁନାଥ ପ୍ରଧାନ, ଅନନ୍ତରାମ ମାଝି ପ୍ରମୁଖ ଯୋଗଦାନ କରିଥିଲେ।



ବାର୍ଷିକ ଉତ୍ସବ ଅବସରରେ ହୋମଯଜ୍ଞ କରାଯାଉଛି।

## ସଙ୍ଗଠନ ହିଁ ଶକ୍ତି, ପ୍ରଗତିର ମାଧ୍ୟମ

**ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ**

**ଭେଡେନ,୨୭।୧୨(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଐତିହାସିକ ପପଙ୍ଗା ପାହାଡ଼ ପାଦଦେଶରେ ମଙ୍ଗଳବାର ଅତାବିରା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପପଙ୍ଗା ପାହାଡ଼ର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ୧କୋଟି ୮୦ଲକ୍ଷ ଟଙ୍କାର ଅନୁଦାନର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ କରିଥିଲେ। ପରେ ପପଙ୍ଗା ପାହାଡ଼ ପାଦଦେଶରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ମୋ ପରିବାର ତଥା ଜୀବନ ବିନ୍ଦୁ ତରଫରୁ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୪ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଭେଡେନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ



ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସରେ ଦଳୀୟ କର୍ମକର୍ତ୍ତା।

ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦାନ କରି ୨୭ବର୍ଷରେ ପଦାର୍ପଣ କରିଥିବା ବିଜୁ ଜନତାଦଳ ଏକ ସାମାଜିକ ଅନୁଷ୍ଠାନରେ ପରିଣତ ହୋଇଛି। ସଙ୍ଗଠନ ହିଁ ଦଳର ଶକ୍ତି ଓ ପ୍ରଗତି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ଡା. ପ୍ରଭାସ ସିଂ, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ଅତାବିରା ଏନ୍‌ଏ.ସି ଅଧ୍ୟକ୍ଷ ବନମାଳୀ ବରିହା, ଉପାଧ୍ୟକ୍ଷ ଅନୁସୟା ବିଶ୍ୱାଳ, ଜିଲା ପରିଷଦ ସଭ୍ୟା/ସଭ୍ୟ ପଦ୍ମନି ଗଡ଼ତିଆ, ପିଙ୍କି ବଡ଼େଇ, ମମତା ପଧାନ, ସତ୍ୟଜିତ ପୁରୋହିତ, ରଞ୍ଜିତ ସାହୁ, ସୁଦାମ ଜାଲ, ଶମ୍ଭୁ ସେଟ, ଆର୍‌ଏମସି ଉପାଧ୍ୟକ୍ଷ ସୁବାସ ହୋତା, ରିତା ସାହୁ, ସୁଜିତ ପଣ୍ଡା, ଏସ୍‌ଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନ, ଟଙ୍କ ଦାଶ, ସିଦ୍ଧାର୍ଥ ଶଙ୍କର ଦାଶ ପ୍ରମୁଖ ଯୋଗଦାନ କରିଥିଲେ।

### ବରତୁଣ୍ଡାରେ ୬୦ତମ ଲକ୍ଷ୍ମୀପୂଜା ମହୋତ୍ସବ

**ମହାରାଜା ମୁରାସୁରଙ୍କ ରାଜୁତି ସରିଲା**

**ପାଇକମାଲ, ୨୭।୧୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ବରତୁଣ୍ଡା ଗ୍ରାମରେ ପାଳିତ ହୋଇଯାଇଛି ୬୦ ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ। ଏଥିସହିତ ୭ଦିନ ଧରି ଅନୁଷ୍ଠିତ ହେଉଥିବା ମୁରାସୁର ଦରବାର ମଧ୍ୟ ସମାପନ ହୋଇଛି। ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରୁଥିବା କଂସ ହୃଷୀକେଶ ଭୋଇ ଏଠାରେ ମୁରାସୁର ମହାରାଜ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଅନ୍ତିମ ଦିବସରେ ରାଜ ଦରବାରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଯୋଗଦେଇଥିଲେ। ମହାରାଜା ମୁରାସୁର ଏହି ଅବସରରେ ଅତିଥି ଓ ସାମ୍ବାଦିକମାନଙ୍କୁ ସମ୍ମାନୀତ କରିଥିଲେ। ଚାଷୀ ସମସ୍ୟା, ପଦ୍ମପୁର ଜିଲା ଘୋଷଣା, ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ଆଦି ଜନ କଲ୍ୟାଣ କାର୍ଯ୍ୟ ନେଇ ମହାରାଜଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଅତିଥିମାନେ। ବରତୁଣ୍ଡା ଗ୍ରାମବାସୀ ଯୁବ ଗୋଷ୍ଠୀ ଓ ମହିଳା ମାନଙ୍କ ଉଦ୍ୟମରେ ସବୁ ପ୍ରକାର କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ସମାପ୍ତି ହୋଇଥିଲା।

## ବରଗଡ଼ରେ ବିଜେଡିର ପ୍ରତିଷ୍ଠା ଦିବସ

**ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ମଙ୍ଗଳବାର ବିଜେଡ଼ିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବରଗଡ଼ ବିଜେଡି ପକ୍ଷରୁ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଗଣଦୌଡ଼, ରକ୍ତଦାନ ଶିବିର, ଡାକ୍ତରଖାନାରେ ଚିକିତ୍ସାଧିନ ରୋଗୀଙ୍କୁ ଫଳ ବଣ୍ଟନ ଆଦି ହୋଇଥିଲା। ଗଣଦୌଡ଼ରେ ଦଳର ଶତାଧିକ କର୍ମୀ ସାମିଲ ହୋଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସମବେତ ହୋଇଥିଲେ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇଥିଲେ। ସେହିପରି ଅଗ୍ରଗାମୀ ଯୁବକ ସଂଘ ପରିସରରେ ଓଡ଼ିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର ହୋଇଥିଲା। ଶିବିରରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଆଚାର୍ଯ୍ୟ, ବିଧାୟକ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବିଜେଡି ଟାଉନ ସଭାପତି କିଶୋର ମିଶ୍ର, ପୌର ପରିଷଦର କାଉନସିଲର, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର, ଦଳର ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପ୍ରତିଷ୍ଠା ଦିବସରେ ହୋଇଥିବା ରକ୍ତଦାନ ଶିବିରକୁ ବରଗଡ଼ ବିଧାୟକ ପରିଦର୍ଶନ କରୁଛନ୍ତି ।

### ମହାନଦୀ ନେତ୍ର ଚିକିତ୍ସାଳୟର ବାର୍ଷିକ ଉତ୍ସବ

**ଅମରପାଲି,୨୭।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ପଣ୍ଡାପାଲିସ୍ଥିତ ସ୍ଥାନୀୟ ମହାନଦୀ ନେତ୍ର ଚିକିତ୍ସାଳୟର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସିୱାଇ ଫାଉଣ୍ଡର ଜଗଦାନନ୍ଦ, ପଦ୍ମଶ୍ରୀ ସାବରମତୀ, ସାମାଜିକ କର୍ମୀ ଜଗଦୀଶ ପଧାନ, ଆଇ.ଓ ସିଏଲ ଡିଜିଏମ ପି. କେ. ପଣ୍ଡା, ରାଜ୍ୟ ମିଲର ଆସୋସିଏଶନର ସଭାପତି ମହେଶ କୁମାର ବଂଶଲ, ଡ଼. ପ୍ରମୋଦ କୁମାର ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର ଅଧ୍ୟକ୍ଷ ଡ.ଦେବେନ୍ଦ୍ର କୁମାର ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଡ. ମାନସୀ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଡ. ବିଭୁପ୍ରସାଦ ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ। ମହେଶ୍ୱରୀ ସେନା ବୀରମହାରାଜପୁର, ମହାନଦୀ ସେବା ସଂଗଠନ ବିନିକା, ହେଲଥ ଟୁ ଅଦର, ବିନିକା, ବୁଢ଼ାରଜା ଯୁଥ ଆସେସିଏଶନ, ସୋନପୁର, ସାମ୍ବାଦିକ ଗୋରେଖନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ଦାସ ଓ ପୀତବାସ ଶତପଥୀ ପରିଚାଳନା କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି।

## ସେଲ ରାଞ୍ଚିକୁ ହରାଇ କର୍ଣ୍ଣାଟକ-୧୧ ସେମି ଫାଇନାଲରେ

**ଅମରପାଲି,୨୭।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍ ର ବୁଧବାର ଥିଲା ଷଷ୍ଠ ଦିବସ। ବୁଧବାର ମ୍ୟାଚ ସେଲ ରାଞ୍ଚି ଓ ଗୁଲବର୍ଗ ସିଟି -୧୧ କର୍ଣାଟକ ମଧ୍ୟରେ ହୋଇଥିଲା। ମ୍ୟାଚ ଟି -୨୦ ଓ ଟି-୧୦ ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ସେଲ ରାଞ୍ଚି ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ରନ କରିଥିଲା। ଦଳର ସୁନିଲ ଖାଲକୋ ୨୧ ଓ ଧର୍ମେନ୍ଦ୍ର ଗୁପ୍ତା ୧୫ ରନ କରିଥିଲେ। ବିପକ୍ଷ ନିହାଲ କୁମାର ୩ ଓ ନୀତିଶ ୱାଣିକଲ୍ୟା ଓ ଶୀତଳ କୁମାର ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ




ଗୁଲବର୍ଗ ସିଟି -୧୧, କର୍ଣାଟକର ନୀତିଶ ୱାଣିକଲ୍ୟାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

ଗୁଲବର୍ଗ ସିଟି -୧୧ କର୍ଣାଟକ ୧୮ ଓଭରରେ ୬ ଉଇକେଟ ହରାଇ ୧୧୧ରନ କରିଥିଲା। ଦଳର ନିକିଶ ୱାଣିକଲ୍ୟା ୩୦ ଓ ମହେଶ ରେଢ୍ଡୀ ୨୪ ରନ କରିଥିଲେ। ବିପକ୍ଷ ସେଲ ରାଞ୍ଚିର ସତ୍ୟମ କୁମାର ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସେଲ ରାଞ୍ଚି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୦୨ ରନ କରିଥିଲେ। ଦଳର ସନ୍ନି କୁମାର ୩୬ ଓ ରାଜା କଚ୍ଛପ ୩୫ ରନ କରିଥିଲେ। ବିପକ୍ଷ ନୀତିଶ ୱାନିକଲ୍ୟା ୩ ଟି ଉଇକେଟ ନେଇଥିଲେ।

**୨୭ ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍**

ଜବାବରେ ଗୁଲବର୍ଗ-୧୧ କର୍ଣାଟକ ୮.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୧୦୩ ରନ ସଂଗ୍ରହ କରିଥିଲା। ଦଳର କରନ ରାଠୋର ୫୧, ନୀତିଶ ୱାଣିକେଲ୍ୟା ୪୫ରନ କରିଥିଲେ। ସେଲ ରାଞ୍ଚିର ସୁନିଲ ଖାଲୋକ ଓ ଅଭିଷେକ ଚୌଧୁରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଗୁଲବର୍ଗ-୧୧ କର୍ଣାଟକ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବାଗବର ୟୁପି ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ, କମିରା ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ କୁମାର ଚାନ୍ଦ, ସୁରଧାପାଲି ୟୁପି ସ୍କୁଲର ପ୍ରଧାନଶିକ୍ଷକ ଗୋପୀନାଥ ମହାକୁର, ଆଇନଜୀବୀ ଇଂ ଆଶ୍ରୟ ମହାନନ୍ଦ , ଏସବିଆଇ ଲାଇଭ ମିତ୍ର ସୌମ୍ୟରଞ୍ଜନ ରଥ ଅତିଥି ଭାବେ ଯୋଗଦେଇ କର୍ଣାଟକର ନୀତିଶ ୱାଣିକଲ୍ୟାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ବିଶ୍ୱଜିତ ପୁରୋହିତ ପରିଚାଳନା କରିଥିବା ବେଳେ ବାଙ୍କାବିହାରୀ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନ୍‌ଲାଇନ ସ୍କୋରିଂ ଏବଂ ଆଶିଷ ଦେଓ, ମ୍ୟାକ ମିଳନ ମହାକୁର, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରା ବିବାରଣୀ ପ୍ରଦାନ କରିଥିଲେ। ଗୁରୁବାର ପୁଲ-ବିର ସେମି ଫାଇନାଲ ଶ୍ରୀଲତା କ୍ରିକେଟ ଏକାଡେମୀ, ପଶ୍ଚିମବଙ୍ଗ ଓ ଗୁଲବର୍ଗ ସିଟି -୧୧ କର୍ଣାଟକ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ସଂକ୍ଷେପରେ

### ରେଙ୍ଗାଲିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ରେଙ୍ଗାଲି,୨୭।୧୨ (ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ୧୬ ପଞ୍ଚାୟତରୁ ପ୍ରାୟ ୬୨ ଅଭିଯୋଗ ଆସିଥିଲା। ଅଧିକାଂଶ ଅଭିଯୋଗ ଭତ୍ତା, ଘର, ରାସ୍ତା ଆଦି ଉପରେ ରହିଥିଲା। ଶିବିରରେ ଜିଲାପାଳ ଅନନ୍ୟା ଦାସ, ଏସ୍‌ଡିପିଓ ପ୍ରଦୀପ ସାହୁ, ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ପ୍ରଚାର ପ୍ରସାର ଠିକ୍ ଭାବେ ହେଉ ନ ଥିବାରୁ ବହୁ ଲୋକ ଅଭିଯୋଗ ପାଇଁ ଆସିପାରୁ ନ ଥିବା କୁହାଯାଉଛି।

### ନୂଆଁରମ୍ଭେଲାରେ ଭାଗବତ ଗୀତା ଜୟନ୍ତୀ

ରେଙ୍ଗାଲି,୨୭।୧୨(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆଁରମ୍ଭେଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପଣ୍ଡିତ ଭାବରେ ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଓ ମୁଖ୍ୟ କର୍ତ୍ତା ଭାବେ ବିନୋଦ ବିହାରୀ ନନ୍ଦ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରବଚକ ବିଭୁତି ମାଝି ବିଷ୍ଣୁ ସହସ୍ର ନାମ ପାଠ କରିଥିଲେ। ରାମଶାହାୟ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଅକ୍ଷୟ ମାହାଣା, ପ୍ରମୋଦ ମାହାଣା, ପୀତବାସ ତଣ୍ଡକାର ରାମଧର ମିଶ୍ର, ସୁଧିର ତ୍ରିପାଠୀ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

### ‘ସମ୍ବଲପୁରୀ ଝରନ’ ଗଠିତ

ରେଙ୍ଗାଲି,୨୭।୧୨(ଦେବବ୍ରତ ପଣ୍ଡା): ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ପାଇଁ ‘ସମ୍ବଲପୁରୀ ଝରନ’ ନାମକ ଏକ ଅନୁଷ୍ଠାନ ଗଠନ କରାଯାଇଛି। ରେଙ୍ଗାଲି ଘନଶ୍ୟାମ ମନ୍ଦିର ପ୍ରାଙ୍ଗଣରେ ମନୋଜ ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ସୁପରିଚାଳନା ପାଇଁ ସଭାପତି ଭାବରେ ରମାକାନ୍ତ ବିଶାଳ, ସମ୍ପାଦକ ମନୋଜ କୁମାର ନାୟକ, ଉପସଭାପତି ପର୍ଶୁରାମ ନାଥ ଓ ଅନିଲ କୁମାର ସାହୁ, ସହ ସମ୍ପାଦକ ସମିରକାନ୍ତ ମାହାଣା, ସାଂସ୍କୃତିକ ସମ୍ପାଦକ ରମେଶ ଚନ୍ଦ୍ର ବାରିକ, ଗଣମାଧ୍ୟମ ସମ୍ପାଦକ ସୁବ୍ରତ ପାଢ଼ୀ ଓ କୋଷାଧ୍ୟକ୍ଷ ଭାବରେ ଧବଳେଶର ସାହୁଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଅଞ୍ଚଳର ବହୁ ସଚେତନ ନାଗରିକ, କବି, ଲେଖକ, କଳାକାର ଯୋଗଦେଇ ଲୁକ୍କାୟିତ ପ୍ରତିଭା, ଲୋକକଳା, ଲୋକଗୀତର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୀତା ଜୟନ୍ତୀ ପାଳିତ

ପଡିଆବାହାଲ, ୨୭।୧୨(ରାଧାମୋହନ ଷଡ଼ଙ୍ଗୀ): ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲିଠାରେ ସୋମବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ଗୋବିନ୍ଦଙ୍କ ପୌରୋହିତ୍ୟରେ ପ୍ରକାଶ କୁମାର ସୁପକାର ଓ ସ୍ତ୍ରୀ ପ୍ରଗତି ସୁପକାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗୋପାଳ ମଣି ମିଶ୍ର, ଆଶୁତୋଷ ପଣ୍ଡା, ଲକ୍ଷ୍ମଣ କୁମାର ନାୟକ ପ୍ରମୁଖ ବ୍ରାହ୍ମଣମାନେ ଶ୍ରୀମଦ୍ ଭାଗବତ ଗୀତା ପାଠ କରିଥିଲେ। ୬୦ବର୍ଷ ହେଲା ଏହି ଗ୍ରାମରେ ଗୀତା ଜୟନ୍ତୀ ପାଳିତ ହୋଇଆସୁଛି।

### ଆଇନଜୀବୀ କିଶୋରୀ ମୋହନ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୭।୧୨ (ଭବାନୀ ଶଙ୍କର ଭୋଇ): ବରିଷ୍ଠ ଆଇନଜୀବୀ କିଶୋରୀ ମୋହନ ପଣ୍ଡାଙ୍କ ବିୟୋଗରେ ବୁଧବାର ଜିଲା ଓକିଲ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ସୁରେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଜିଲା ଓକିଲ ସଂଘ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ କିଶୋରୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଉଭୟ ଦେୱାନୀ ଓ ଫୌଜଦାରି ମାମଲା ପରିଚାଳନାରେ ତାଙ୍କର ଦକ୍ଷତା ରହିଥିବା ବେଳେ ରାଜ୍ୟ ଓ ରାଜ୍ୟ ବାହାରେ ସେ ବିଭିନ୍ନ ମାମଲା ପରିଚାଳନା କରିଥିବା ସଦସ୍ୟମାନେ କହିଥିଲେ। ତାଙ୍କ ବିୟୋଗରେ ସଂଘ ଜଣେ ବରିଷ୍ଠ ଓକିଲଙ୍କୁ ହରାଇଥିବା ମତପ୍ରକାଶ କରିଥିଲେ। ସତ୍ୟନାରାୟଣ ପଣ୍ଡା, ପ୍ରଫୁଲ୍ଲ ହୋତା, ରାଙ୍ଗେୟନାଥ ଷଡଙ୍ଗୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

**ପାଣି ମାଡ଼ିବା ଆରମ୍ଭ କରିନି**

# ଚାଷୀଙ୍କୁ ୧୧ ହଜାର ବିଦ୍ୟୁତ୍ ବିଲ୍

ସମ୍ବଲପୁର,୨୭।୧୨ (ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ବ୍ଲକର କବରାପାଲିଠାରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବାର ଦୁଇବର୍ଷ ପରେ ବି ଚାଷୀଙ୍କ କ୍ଷେତକୁ ପାଣି ମୁନ୍ଦାଏ ପହଞ୍ଚିପାରି ନାହିଁ। ହେଲେ ଦୁଇବର୍ଷରେ ୧୧ ହଜାର ଟଙ୍କାର ବିଜୁଳି ବିଲ ଚାଷୀଙ୍କ ଦ୍ୱାରା ଗଠିତ ପାଣି ପଞ୍ଚାୟତ ପାଖରେ ପହଞ୍ଚିଛି। ଏହାକୁ ନେଇ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

ରାଜ୍ୟ ସରକାରଙ୍କ ଉଠା ଜଳସେଚନ ବିଭାଗ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ କବରାପାଲି ଅଞ୍ଚଳର ୫୦ ଜଣ ଚାଷୀଙ୍କ ଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ୫୮ଲକ୍ଷ ଟଙ୍କା ବ୍ୟୟରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ୬ମାସ ମଧ୍ୟରେ ନିକଟସ୍ଥ କୁଟୁରାଝୁରି ଜୋରରୁ ପାଇପ୍ ଯୋଗେ କବରାପାଲିର ଚାଷୀଙ୍କ ଜମିକୁ ପାଣି ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହାପରେ ୫୦ ଜଣ ଚାଷୀଙ୍କୁ ନେଇ ରଣେଶ୍ୱର ରାମଚଣ୍ଡୀ ପାଣି ପଞ୍ଚାୟତ ୨ ଗଠନ କରାଯାଇଥିଲା। ଉଠାଜଳସେନ ପ୍ରକଳ୍ପରୁ ଚାଷୀମାନେ ସୁଫଳ ପାଇବାକୁ ଚିନ୍ତା କରିଥିବା ବେଳେ ଦୁଇବର୍ଷ ହେବ କ୍ଷେତକୁ ପାଣି ପହଞ୍ଚିବାର ନାଁ ଧରୁନାହିଁ। ଠିକାଦାରଙ୍କ ନିମ୍ନମାନର କାମ ଯୋଗୁ ମୋଟର ଚାଲୁ ହେବା କ୍ଷଣି ପାଇପ୍ ଫାଟି ପାଣି ବୋହୁଛି। ପାଇପ୍ ବିଛାଇବା ପାଇଁ ତିନିଫୁଟ ମାଟି ଖୋଳିବା କଥା। ହେଲେ ଠିକାଦାର ଅନେକ ସ୍ଥାନରେ ପାଇପ୍‌କୁ ୬ଇଞ୍ଚ ମାଟି ତଳେ ନେଇଥିବା ଯୋଗୁ ଟ୍ରାକ୍ଟର ଆଦି ଚଳାଚଳ ବେଳେ ତାହା ଖଣ୍ଡ ଖଣ୍ଡ ହୋଇଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନେକ

**କବରାପାଲି ଉଠା ଜଳସେଚନ ପ୍ରକଳ୍ପ**




କ୍ଷେତ୍ରରେ ପାଣିର ପ୍ରେସର ସମ୍ଭାଳି ନ ପାରି ପାଇପ୍‌ଗୁଡିକ ବାରମ୍ବାର ଫାଟି ଯାଉଥିବାରୁ ଚାଷୀମାନେ ପ୍ରକଳ୍ପ ଦ୍ୱାରା ଦୁଇବର୍ଷ ହେବ ଚାଷ କରିପାରୁ ନାହାନ୍ତି। ଏପରି କି ଗତବର୍ଷ ମରୁଡି ସମୟରେ ମଧ୍ୟ ପ୍ରକଳ୍ପ କୌଣସି କାମରେ ଲାଗି ନ ଥିଲା ବୋଲି ପାଣିପଞ୍ଚାୟତର ସଦସ୍ୟମାନେ କହିଛନ୍ତି। ଏପରିସ୍ଥଳେ ଉଠାଜଳସେଚନ ପ୍ରକଳ୍ପରେ ଠିକାଦାର ଦୁଇଟି ୧୫ ଏଚ୍‌ପିର ପାଣି ମୋଟର ଲଗାଇ ୬୫କେଭି ଟ୍ରାନ୍ସଫର୍ମରରେ ପାଣିପଞ୍ଚାୟତ ନାମରେ ବିଜୁଳି ସଂଯୋଗ କରାଇ ଦେଇଥିଲେ। ଏହାପରେ ଦୁଇବର୍ଷ ମଧ୍ୟରେ ୧୧ ହଜାର ଟଙ୍କାର ବିଜୁଳି ବିଲ ପାଣିପଞ୍ଚାୟତ ନାମରେ ଆସିଥିବା ବେଳେ ପାଣିପଞ୍ଚାୟତ ହାତକୁ କିନ୍ତୁ ଠିକାଦାର ମୋଟର ଚାବି ହସ୍ତାନ୍ତର କରିନାହାନ୍ତି। ପୁଣି ବିଲ ଜମା ନ ହେବାରୁ ବିଜୁଳି କାଟିଦେବା ନେଇ ବିଦ୍ୟୁତ୍ ବିଭାଗ ଚାଷୀଙ୍କୁ ବାରମ୍ବାର ତାଗିଦ କରିଆସୁଛି। ଏ ସମ୍ପର୍କରେ ଉଠାଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଶୀଘ୍ର ପାଇପ୍ ମରାମତି କରି ଚାଷୀଙ୍କୁ ଚାବି ହସ୍ତାନ୍ତର କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଚାଷୀଙ୍କୁ ପ୍ରକଳ୍ପ ହସ୍ତାନ୍ତର କରାଯାଇ ନ ଥିବାରୁ ଠିକାଦାର ହିଁ ବକେୟା ବିଜୁଳି ବିଲ ପଇଠ କରିବେ। ଏହାସହ ସେ ନିଜେ ଘଟଣାସ୍ଥଳକୁ ଯାଇ ଦୁଇଦିନ ଭିତରେ ପ୍ରକଳ୍ପ କାର୍ଯ୍ୟକାରୀ କରାଇବେ ବୋଲି ସାହୁ କହିଛନ୍ତି।

## କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କୁଚିଣ୍ଡା,୨୭।୧୨(ବିରଞ୍ଚି ଦର୍ଜ୍ଜୀ)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ ସମାରୋହରେ କୁନ୍ତରା କଲେଜ ପୂର୍ବତନ ଅଧ୍ୟକ୍ଷ ଗଗନ ପଣ୍ଡା ମୁଖ୍ୟଅତିଥି, କଲେଜ ପରିଚାଳନା କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ପଟେଲ, ପୂର୍ବତନ ଅଧ୍ୟକ୍ଷ ରୁକ୍ମଣ ପଟେଲ, କଲେଜ କମିଟି ସଦସ୍ୟ ସନାତନ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ମାନପତ୍ର ସହ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସମଲେଶ୍ୱରୀ ମନ୍ଦିର ସେବାୟତଙ୍କୁ ଆମନ୍ତ୍ରଣ



ସମଲେଶ୍ୱରୀ ମନ୍ଦିର ସେବାୟତଙ୍କୁ ନିମନ୍ତ୍ରଣ ଦିଆଯାଉଛି।

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)

ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପୁରୀ ଶ୍ରୀମନ୍ଦିରର ଏକ ତିନିଜଣିଆ ସେବାୟତ ଦଳ ଜଣେ ପ୍ରଶାସନିକ ଅଧିକରୀଙ୍କ ସହିତ ସମ୍ବଲପୁର ଆସି ସମଲେଶ୍ୱରୀ ମନ୍ଦିର ସେବାୟତଙ୍କୁ ଆମନ୍ତ୍ରଣ କରିଛନ୍ତି। ସେମାନେ ମଙ୍ଗଳବାର ରାତିରେ ସମ୍ବଲପୁରରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝି ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ। ସର୍କିଟ୍ ହାଉସ୍‌ରେ ରହଣି ପରେ ବୁଧବାର ସକାଳେ ସମ୍ବଲପୁରର ବିଭିନ୍ନ ଧର୍ମପୀଠର ୨ ଜଣ ପ୍ରମୁଖ ସେବକଙ୍କୁ ନିମନ୍ତ୍ରଣ କରିଛନ୍ତି। ପରେ ସେମାନେ ମା’ ସମ୍ବଲେଶ୍ୱରୀଙ୍କ ମନ୍ଦିର ଯାଇ ସେବାୟତଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ରେଢ଼ାଖୋଲ ଶ୍ରୀଜଗନ୍ନାଥ ମନ୍ଦିରର ସେବାୟତଗଣ ଆସି ଏଠାରେ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ।

### ଘରଭାଙ୍ଗି ଧାନ ଖାଇଲେ ହାତୀ

ପଡିଆବାହାଲ, ୨୭।୧୨(ରାଧାମୋହନ ଷଡ଼ଙ୍ଗୀ) ସମ୍ବଲପୁର ଜିଲା ପଡିଆବାହାଲ ବନାଞ୍ଚଳରେ ବଣୁଆ ହାତୀ ଉପଦ୍ରବ ଦେଖାଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ମଙ୍ଗଳବାର ରାତିରେ ତିନିଟିକିଆ ହାତୀପଲ ବାହାମ ପଞ୍ଚାୟତ ଝରିଆପଡାଠାରେ ଦେଖା ଯାଇଥିଲେ। ରାତି ପ୍ରାୟ ୧ଟା ବେଳେ ସେଥିରୁ ଗୋଟିଏ ଦନ୍ତା ନୀଳ ସେଲମାନଙ୍କ ଘର ଭାଙ୍ଗି ବସ୍ତାଏ ଧାନ ବୋହି ନେଇ ଖାଇଦେଇଥିଲା। ଘର ଭାଙ୍ଗିବା ଜାଣି ପରିବାର ଲୋକେ ଜୀବନ ବିକଳରେ ଅନ୍ୟତ୍ର ପଳାଇ ଯାଇଥିଲେ।

### ଆସଫ୍‌ଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ କଲେ ସମର୍ଥକ

ସମ୍ବଲପୁର,୨୭।୧୨ (ଭବାନୀ ଶଙ୍କର ଭୋଇ)

ପୂର୍ବତନ ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲି ଖାନ୍‌ଙ୍କ ବିରୋଧରେ ଷଡଯନ୍ତ୍ର କରାଯାଇଥିବା ତାଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ସମ୍ବଲପୁର ସାମ୍ବାଦିକ ଭବନଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ସମର୍ଥକମାନେ ଏହି ଅଭିଯୋଗ ଆଣିଛନ୍ତି। ଏଥିରେ ରେଢାଖୋଲ ବିଧାନସଭା ଅନ୍ତର୍ଗତ ୪ ବ୍ଲକର କଂଗ୍ରେସ ସଭାପତିମାନେ ଯୋଗଦେଇଥିଲେ। ନେତାମାନେ ଦର୍ଶାଇଥିଲେ, କେତେଜଣ ନ୍ୟସ୍ତ ସ୍ୱାର୍ଥ ରଖିଥିବା ରାଜନୈତିକ ଗୋଷ୍ଠୀ ମିଥ୍ୟା ଅଭିଯୋଗ କରି ଆସଫଙ୍କୁ ଜେଲ୍ ପଠାଇଥିଲେ। ପୋଲିସ ବିନା ତଦନ୍ତରେ ଗିରଫ ଘଟଣାକୁ ସେମାନେ ନିନ୍ଦା କରିଥିଲେ। ତେବେ କାହିଁକି ଓ ଦଳର କେଉଁ ନେତାମାନେ ଏହି ଷଡଯନ୍ତ୍ର ପଛରେ ରହିଛନ୍ତି ସେ ନେଇ ଆସଫ୍‌ଙ୍କ ସମର୍ଥକମାନେ ମୁହଁ ଖୋଲି ନାହାନ୍ତି। କଂଗ୍ରେସ ଦଳ ରେଢାଖୋଲ ଆସନରେ ଗତ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଏହା ପଛରେ ଆସଫ୍‌ଙ୍କ ଦୃଢ ନେତୃତ୍ୱ ରହିଥିଲା। ତେବେ ରେଢାଖୋଲର କଂଗ୍ରେସ କର୍ମୀ ଆଜି ମଧ୍ୟ ତାଙ୍କ ସମର୍ଥନରେ ରହିଥିବା ସେମାନେ ଦାବି କରିଥିଲେ। ଖବରତାତା ସମ୍ମିଳନୀରେ ପିସିସି ସଭ୍ୟ ଗୌରୀଶଙ୍କର ପାତ୍ର, ପୂର୍ବତନ ଯୁଯୁମୁରା ବ୍ଲକ ସଭାପତି ସୁରେଶ୍ୱର ପଧାନ, ନାକଟିଦେଉଳ ବ୍ଲକ କଂଗ୍ରେସ ସଭାପତି ପ୍ରବୀଣ ପଧାନ, ମାନେଶ୍ୱର ବ୍ଲକ କଂଗ୍ରେସ ସଭାପତି ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୁର୍ଲା ଡିଏଭି ସ୍କୁଲରେ ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୨୭।୧୨ (ଭବାନୀ ଶଙ୍କର ଭୋଇ)

ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ଚାରିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମି ମିଶ୍ର ଏହି ଉତ୍ସବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ବିକାଶ କରିବା ନେଇ ଆଶା ପ୍ରକଟ କରିଥିଲେ। କ୍ରୀଡା ଉତ୍ସବରେ ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ, ଶଟପୁଟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅମିନ ମଲ୍ଲିକ, ରାଜଶ୍ରୀ ସାହାଣୀଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକମାନଙ୍କ ମଧ୍ୟରେ ଦୌଡ଼ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।



ଉତ୍ସବରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ବୃନ୍ଦ।

# ମହିଳା କଲେଜରେ ବିଧାୟକଙ୍କ ନୂଆ-ଓ ସମୀକ୍ଷା




ସରକାରୀ ମହିଳା କଲେଜ ଛାତ୍ରୀଙ୍କ ଗହଣରେ ବିଧାୟକ।

ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)

ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ସମ୍ବଲପୁର ସରକାରୀ ମହିଳା କଲେଜ ପରିଦର୍ଶନ କରି ନୂଆ-ଓ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ନୂଆ-ଓ ଜରିଆରେ ଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ ଓ ସହାବସ୍ଥାନ କ୍ଷେତ୍ରରେ କିଭଳି ସହାୟକ ହୋଇପାରିଛି ସେ ନେଇ ଆଲୋଚନା କରିଥିଲେ। ଏହାସହ ମହିଳା କଲେଜରେ ଛାତ୍ରୀଙ୍କୁ ମିଳୁଥିବା ବିଭିନ୍ନ ସହାୟତା ଓ ସୁଯୋଗ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏହି ଅବସରରେ ସେ ମହିଳା କଲେଜରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରି ଏହି ଶିକ୍ଷାନୁଷ୍ଠାନକୁ କିଭଳି ଦେଶର ଏକ ଅଗ୍ରଣୀ କଲେଜରେ ପରିଣତ କରାଯାଇପାରିବ ସେ ଦିଗରେ ସାମୂହିକ ଉଦ୍ୟମ ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖିଳ ଓଡ଼ିଶା ରବିଦାସ ସମାଜର କାର୍ଯ୍ୟକାରିଣୀ କମିଟି ବୈଠକ

ସମ୍ବଲପୁର,୨୭।୧୨ (ଭବାନୀ ଶଙ୍କର ଭୋଇ)

ନିଖିଳ ଓଡ଼ିଶା ରବିଦାସ ସମାଜର ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକ କିରେଇସ୍ଥିତ ହୋଟେଲ ହାଇୱେଠାରେ ରାଜ୍ୟ ସଭାପତି ସୀତାରାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ ସାଧାରଣ ସମ୍ପାଦକ କୁଦ୍ଦୁରୁ ଦାସ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ରବିଦାସ ସମାଜର ଲୋକଙ୍କ ସ୍ଥିତି ଉପରେ ଆଲୋଚନା କରାଯିବା ସହ ଲୋକଙ୍କୁ ଏ ଦିଗରେ ସଚେତନ କରାଯିବାକୁ ମତପ୍ରକାଶ ପାଇଥିଲା। ମାଘପୂର୍ଣ୍ଣିମା ଦିନ ସନ୍ଥ ଶିରୋମଣୀ ଗୁରୁ ରବିଦାସ ଜୟନ୍ତୀକୁ ରାଜ୍ୟ ସରକାର ସରକାରୀ ଛୁଟି ଘୋଷଣା କରିବାକୁ ଅନୁରୋଧ କରାଯାଇଛି। ଏହା ସହ ଓଡ଼ିଆ କ୍ୟାଲେଣ୍ଡର ଓ ଓଡ଼ିଆ ପାଞ୍ଜିରେ ପର୍ବପର୍ବାଣି ତାଲିକାରେ ସନ୍ଥ ଶିରୋମଣୀ ରବିଦାସ ଜୟନ୍ତୀକୁ ସ୍ଥାନିତ କରିବାକୁ ସମ୍ପୃକ୍ତ ସଂସ୍ଥାଗୁଡିକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ରାଜ୍ୟ ମୁଖ୍ୟ ଉପଦେଷ୍ଟା କରୁଣାକର ଅଣ୍ଡିଲ, ଉପଦେଷ୍ଟା ସୁରେନ୍ଦ୍ର ରୋହିଦାସ, ଉପସଭାପତି ଯୋଗେନ୍ଦ୍ର ରୋହିଦାସ, ଯୁଗ୍ମ ସମ୍ପାଦକ ଶଙ୍କର ମେହେର ଓ ସୀତାରାମ ରୋହିଦାସ, ଅଡିଟର ଡିଗ୍ରୀଲାଲ ମେହେର, କୋ-ଅର୍ଡିନେଟର କେଶବ ରୋହିଦାସ, ଶତ୍ରୁଘ୍ନ ରୋହିଦାସ, ନୀଳମଣି ମେହେର, ମହେନ୍ଦ୍ର ସୁନା, ଇନ୍ଦ୍ରମଣି ମେହେର, ଡୋଲାମଣି ରୋହିଦାସ, ନକୁଳ ଅଜଗର, ମୁନି ଭରଦ୍ୱାଜ, ସୁକାନ୍ତି ମେହେର, ଛବିରାଣୀ ରୋହିଦାସଙ୍କ ସମେତ ସମ୍ବଲପୁର, ସୁନ୍ଦରଗଡ଼, ବରଗଡ, ଝାରସୁଗୁଡା, ସୁବର୍ଣ୍ଣପୁର, କଳାହାଣ୍ଡି ଜିଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ପ୍ରଶାସନିକ ସ୍ତରରେ ନାହିଁ ତତ୍ପରତା

**ସମ୍ବଲପୁର ଲୋକ ମହୋତ୍ସବ ପାଇଁ ସପ୍ତାହେରୁ କମ୍ ସମୟ ବାକି**

ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଲୋକ ମହୋତ୍ସବ-୨୦୨୪ ଆସନ୍ତା ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିପାଇଁ ଆଉ ସପ୍ତାହେରୁ କମ୍ ସମୟ ବାକି ରହିଛି। ଆୟୋଜକ କମିଟି ମୁଖ୍ୟ ସଂଯୋଜକ ଭୋଳାଶଙ୍କର ମହନ୍ତମଙ୍କ ସହିତ ସହ-ସଂଯୋଜକ ଅନୁପ ତରିଆଙ୍କ ନେତୃତ୍ୱରେ ଉପସମିତିର ଆବାହକମାନେ ପ୍ରସ୍ତୁତି ଚଳାଇଛନ୍ତି। ମହୋତ୍ସବ ଆୟୋଜନ ପାଇଁ ନିଯୁକ୍ତ ନୋଡାଲ ଅଧିକାରୀଙ୍କ କ୍ଷେତ୍ରରେ ତତ୍ପରତାର ଅଭାବ ପରିଲକ୍ଷିତ ହୋଇଛି। ଦାୟିତ୍ୱରେ ଥିବା ଅଧିକାଂଶ ନୋଡାଲ ଅଧିକାରୀ ଆୟୋଜକ କମିଟି ସଂଯୋଜକ ବା ଉପକମିଟିଆବାହକଙ୍କ ସହିତ ମହୋତ୍ସବ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରୁ ନ ଥିବା ଅଭିଯୋଗ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମହୋତ୍ସବ ଆୟୋଜନ ସକାଶେ ଉପକମିଟିଗୁଡ଼ିକୁ ବର୍ତ୍ତମାନ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇଁ ସର୍ବନିମ୍ନ ଅଗ୍ରିମ ରାଶି ମଧ୍ୟ ମଞ୍ଜୁର ହୋଇ ନାହିଁ। ଏଥିପାଇଁ କେତେକ ଉପକମିଟି ପକ୍ଷରୁ ଆବେଦନ କରାଯାଇଥିଲେ ମଧ୍ୟ ଅର୍ଥ ମଞ୍ଜୁର ହୋଇପାରୁ ନ ଥିବା କୁହାଯାଉଛି। ପଶ୍ଚିମ ଓଡ଼ିଶାର ଲୋକକଳା ଲୋକଲୋଚନକୁ ଆଣିବା ପାଇଁ ସମ୍ବଲପୁର ଲୋକ ମହୋତ୍ସବ ଆୟୋଜିତ ହୋଇଆସୁଛି। ଏହାକୁ ସମସ୍ତ ବ୍ଲକ ସ୍ତରରେ ପହଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର କୁଚିଣ୍ଡାଠାରେ ଏହି ଉପଖଣ୍ଡ ଅଧୀନ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକକୁ ନେଇ ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହାୟତା ପ୍ରଦାନ ସମ୍ପର୍କରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଫକିର ମୋହନ ମାଝି କହିଛନ୍ତି, ଆର୍ଥିକ ସହାୟତା ପାଇଁ ଆବେଦନ କରିଥିବା ଉପସମିତିଗୁଡିକୁ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇସାରିଛି। ଗୁରୁବାର କିମ୍ବା ଶୁକ୍ରବାର ଉପସମିତି ଆବାହକମାନଙ୍କୁ ପ୍ରଥମ ପର୍ଯ୍ୟାୟ ଅର୍ଥ ପ୍ରଦାନ କରାଯିବ। ପ୍ରଶାସନିକ ତତ୍ପରତା ପ୍ରକାଶ ପାଉ ନ ଥିବା ସମ୍ପର୍କରେ ସେ ଲୋକ ମହୋତ୍ସବ ଆୟୋଜନ ଦାୟିତ୍ୱରେ ଥିବା ସଂଯୋଜକ, ଆବାହକଙ୍କୁ ସ୍ୱତନ୍ତ୍ର ଭାବେ ନିଜ କାର୍ଯ୍ୟ ତୁଲାଇବାକୁ ସୁଯୋଗ ଦିଆଯାଉଥିବା କହିଛନ୍ତି।

# ଲୋକ ସଂସ୍କୃତିର ପୁନରୁଦ୍ଧାର ଉପରେ ଗୁରୁତ୍ୱ

**ଲୋକ ମହୋତ୍ସବ ପାଇଁ କଳାକାର ଚୟନ, ଆଲୋଚନାଚକ୍ର**

କୁଚିଣ୍ଡା,୨୭।୧୨(ବିରଞ୍ଚି ଦର୍ଜ୍ଜୀ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

ପଶ୍ଚିମ ଓଡିଶାରେ ଲୋକ କଳା, ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଲୋପପାଇବାକୁ ଯାଉଥିବା ଏହି ଲୋକ ସଂସ୍କୃତିର ପୁନରୁଦ୍ଧାର ପାଇଁ ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ କୁଚିଣ୍ଡା ଟାଉନ ହଲଠାରେ ବୁଧବାର ଉପଖଣ୍ଡସ୍ତରୀୟ କଳାକାର ଚୟନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କଳାକାର ମଳୟ ବେହେରା ମଞ୍ଚ ପରିଚାଳନା କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଅତିରିକ୍ତ ଉପଜିଲାପାଳ ହେମସାଗର ଭୋଇ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ସମ୍ବଲପୁର ଲୋକ ମହୋତ୍ସବ ସଂଯୋଜକ ଭୋଳାଶଙ୍କର ମହନ୍ତମ, ଲୋକ ମହୋତ୍ସବ ସାଂସ୍କୃତିକ ଦଳ କମିଟି ସଂଯୋଜକ ଶଶାଙ୍କ ଶେଖର ଦୁବେ, ସେମିନାର ସଂଯୋଜକ ମହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଲୋକ ମହୋତ୍ସବ ଉପଦେଷ୍ଟା ଗୁରୁଶ୍ରୀ ରଞ୍ଜନ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ପ୍ରଧାନ, କୁଚିଣ୍ଡା କଳାକାର ସଂଘ ଉପସଭାପତି ମହେନ୍ଦ୍ର ନାଏକ, କୁଚିଣ୍ଡା ବିଡିଓ ନିରଞ୍ଜନ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଲୋକକଳା, ସଂସ୍କୃତି ଉପରେ ଆଲୋଚନା କରି ଏହାର ବିକାଶ ଦିଗରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆକାଶବାଣୀ କଳାକାର ସୁରଥ ନାୟକ, ଲକ୍ଷ୍ମୀନାରାୟଣ ପଣ୍ଡା, ସ୍ମରଣିକା କମିଟି ସହ ସମ୍ପାଦକ ଦେବେନ୍ଦ୍ର ପଟେଲ, ମୈଥିଳୀ ଠାକୁର, ହୃଦାନନ୍ଦ ଶର୍ମା ପ୍ରମୁଖ ଲୋକକଳା ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବଲପୁରରେ ହେବାକୁ ଥିବା ଲୋକମହୋତ୍ସବ ପାଇଁ କୁଚିଣ୍ଡା ଓ ରେଢାଖୋଲ ଉପଖଣ୍ଡରୁ ୯ଟି ଓ ସହରାଞ୍ଚଳରୁ ୬ଗୋଟି ସାଂସ୍କୃତିକ ଦଳକୁ ସୁଯୋଗ ଦିଆଯିବା ନିଷ୍ପତ୍ତି ହୋଇଥିବାରୁ ଗ୍ରାମାଞ୍ଚଳର କଳାକାର ଏଥିରେ ସୁଯୋଗ ପାଇପାରିବେ ବୋଲି ଅତିଥିଗଣ କହିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବ୍ଲକ ପ୍ରଶାସନ ପକ୍ଷରୁ ବିପିଏମ୍ ଟିପେନ୍‌ସନ୍ ବେହେରା, ବିଏସ୍‌ଏସ୍‌ଓ ଯୁତି ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜୟକୃଷ୍ଣ ବହେରା ଧନ୍ୟବାଦ ଅର୍ପଣ କରିଥିଲେ।

